ଚିଲିକା ପରିକ୍ରମା

ଚିତ୍ରକାର ନିସର୍ଗ ଶୋଭା

ଊନବିଂଶ ଶତାବ୍ଦୀର ଶେଷପାଦ (୧୮୯୨)·· ··

'ଭଞ୍ଜରାଜଙ୍କ'ର ପୋଷକତାରେ ବାରିପଦାରୁ ପ୍ରକାଶିତ 'ଉତ୍କଳପ୍ରଭା'ରେ ଚିତ୍ରକାର ମୁକ୍ତସ୍ୱପ୍ନ ସଫଳ ହୁଏ। ଗୁଣଗ୍ରାହୀ ଶ୍ରୀରାମଚନ୍ଦ୍ରଙ୍କର ପ୍ରୋତ୍ସାହନ ଓ ପ୍ରୀତିପୂର୍ଣ୍ଣ ପୁରସ୍କାର ମଧ୍ୟରେ ଜଣେ କା'ର ସୁନ୍ଦର ଚିତ୍ରପଟ୍ଟରେ ଗ୍ରାହକତାର ସ୍ୱର୍ଣ୍ଣମୁଖ ଲାଭ କରେ। ଏତେଦିନରୁ ହିଁ ତାର ଜୀବନର ସାର୍ଥକତା ଓ ଶିଳ୍ପୀର ସୃଜନମାଧୁରୀ ଯଥାର୍ଥରେ ଅନୁମେୟ। ପାର୍ବତୀ, ଉଷା, ଜଗଦୀଶ୍ୱରୀ ଓ ମହାମାୟା ରଚନା କରି ଦେବତାଙ୍କ ଲୀଳା କାବ୍ୟ ଖଣ୍ଡ ଲେଖିଥିଲେଓ ଉତ୍କଳବାସୀ ଜାଣିଥିଲେ ତାହାର ବହୁପୂର୍ବ ହିଁ ଉଦାର ଦର୍ଶନ କରି ଥାଆନ୍ତି।

Digitized by srujanika@gmail.com

ଚିଲିକା ରାଧାନାଥଙ୍କର ପରିଣତ ବୟସର ରଚନା । ଭୂଭାରତର ଶ୍ରୀମକାନ୍ତ ଦୃଶ୍ୟାବଳୀ ଓ ଉତ୍କଳ ପ୍ରକୃତିର ସଂକୁଳ ଛବି ଦର୍ଶନରେ କବିର ଭାବଭୋଳା ପ୍ରାଣ ଯେଉଁ ବର୍ଣ୍ଣୋଜ୍ଜ୍ୱଳମୟ ଐନ୍ଦ୍ରଜାଳିକ ମାୟାରେ ମୁଗ୍ଧ ହୋଇ ଉଠିଥିଲା, ଚିଲିକା ତାହାର ଉଜ୍ଜ୍ୱଳ ସଙ୍କେତ ବା ଐକାନ୍ତିକ ବାର୍ତ୍ତାବହ । ଚିଲିକାର ଭାଷା, ଭାବ ଓ ସୃଜନ କୌଶଳ— ସବୁଥିରେ କି ଏକ ଅହେତୁକ ମାଦକତା ଭରି ରହିଛି । "ସ୍ୱାଦରେ ତୃପ୍ତିର ଅବସାଦ ନାହିଁ" କବି କଣ୍ଠର ଏହି ବାଣୀ ଯେ କୌଣସି ରସଗ୍ରାହୀ ନିକଟରେ ସ୍ପଷ୍ଟ ହୋଇ ଉଠେ ଉପଭୋଗକଲେ ଯେ ଶୋଭାପାଏସୋସ ଅପ୍ସର ଭୁବନର ପ୍ରକୃତି ମଧ୍ୟରେ ରୂପ ପିପାସାର ପରିତୃପ୍ତି ପାଇଁ ଅଖଣ୍ଡ ସୌନ୍ଦର୍ଯ୍ୟ ପାନକର ମଧ୍ୟ ଉତ୍ତରୋତ୍ତର ତୃଷାରେ ଅସ୍ଥିର ହୁଏ ।

ଚିଲିକାର ପ୍ରକୃତି ଜଡ ବା ନିଷ୍କ୍ରିୟ ନୁହେଁ । ଏହା ରୂପ, ରସ ଓ ଗନ୍ଧଭରା ; ଏଥିରେ ଜୀବନର ସକ୍ରିୟତା, ପଟୁତା ଓ ମୃଦୁତା ମିଶ୍ରିତ ରହିଛି । ଅସ୍ମାପର ଏହା ଶାଶ୍ୱତ ଓ ସନାତନ ତ୍ରିଗୁଣର (ସତ୍ତ୍ୱ, ରଜ, ତମ) ସତ୍ତା ଧରି ଏହା ଚିର ଯୌବନ-ଯୁକ୍ତ ଓ ରୂପବନ୍ତ । ହିମାଳୟ ପରି ଏହା ଉଦାର, ସ୍ନେହଶୀଳ ଓ ଶରଣ ବତ୍ସଳ । ତୀରବର୍ତ୍ତୀ ଅଂଚଳରେ ତାରା, ଭଗବତୀ ଓ ଚଣ୍ଡୀଙ୍କୁ ସ୍ଥାନ ଦେଇ ମଧ୍ୟ କ୍ଷୁଦ୍ରାତିକ୍ଷୁଦ୍ର ଗୁଳ୍ମଲତା ତାହାର ବାତ୍ସଲ୍ୟରୁ ବଂଚିତ ନ କରି "ଛତ୍ରଦ୍ୱୀପିନୁ

Digitized by srujanika@gmail.com

ଶରଣଂ ପ୍ରପଦ୍ୟେ ମମତ୍ୱମୁକ୍ତୈଃ ଶିରସା" ସଙ୍ଗୀତ'' ଦେବବାଣୀର ମହତ୍ତ୍ୱ ପ୍ରଚୁର ଭରିବା ପାଇଁ ଚିଲିକା ନିଶ୍ଚିତ ଅଭିଳାଷିଣୀ ଥିଲାପରି ବୋଧହୁଏ । ଏହାଭିନ୍ନ ଚିଲିକା ପ୍ରକୃତିର ଅନ୍ୟତମ ବୈଶିଷ୍ଟ୍ୟ, ତା'ର ଚିତ୍ରଧର୍ମ ଅପେକ୍ଷା ସଙ୍ଗୀତଧର୍ମ ଓ ଭାବ ଧର୍ମରେ ବିଶେଷ ମାତ୍ରାରେ ଜଡ଼ିତ । କାରଣ ଦୃଶ୍ୟମାନ ଜଗତର ବସ୍ତୁସ୍ୱରୂପମାନଙ୍କଠାରେ ନିସର୍ଗ-ଚେତନା ଚିତ୍ରଧର୍ମୀ ହୋଇଥିଲେ ମଧ୍ୟ ପ୍ରକୃତିର ମୂର୍ତ୍ତ ଆବେଗ ଓ ସାମ୍ୟତା ଏଥି ମଧ୍ୟରେ ସମ୍ୟକ୍ ଭାବରେ ପରିସ୍ଫୁଟ ହୁଏନାହିଁ । ସେଣୁ ବହିର୍ଜଗତର ଚିତ୍ରପଟ ସଂଗରେ ଅବଶ୍ୟକ ହୁଏ, କବିର ରସ-ସୃଷ୍ଟି, ଦରଦ ଓ ମାଧୁର୍ଯ୍ୟ; ଯାହା କବିତାକୁ ଅତୁଳନୀୟତାର ଶୀର୍ଷଦେଶରେ ସମାସୀନ କରାଏ । ସମାଲୋଚକ ବିଶ୍ୱପତି ଚୌଧୁରୀଙ୍କ ଭାଷାରେ "ପ୍ରକୃତିର୍ ଅବିକଲ୍ ବର୍ଣ୍ଣନାରୁ ନିସର୍ଗ-ଚେତନାର୍ ସୃଷ୍ଟି ହୁଏନା ତାହାର ସଙ୍ଗେ ମିଶିବ ଦରଦ ଟୁକୁ, ସେଇ ରସାନୁଭୂତି-ଟୁକୁ ଯାହା ପ୍ରକୃତିକେ ସୂଚମୟ କରିଯା ତୁଲେ—ତାହାର ମୂଳ ଉତ୍ସେର ମଧ୍ୟେ ଅନିର୍ବା ଦେୟ ଏକଟି ସୂକ୍ଷ୍ମ ରହସ୍ୟ''—(କାବ୍ୟେ ରବୀନ୍ଦ୍ରନାଥ)

ଉକ୍ତ ସୂକ୍ଷ୍ମରୂପର ପରିପ୍ରକାଶରୁ କଳାକାରର ଉଚ୍ଚ କଳାଦୃଷ୍ଟି ବା ନୈପୁଣ୍ୟର ପରିଚାୟକ । ପ୍ରକୃତିର ସୂକ୍ଷ୍ମରୂପ ଉଦ୍‌ଘାଟିତ ହେଲେ କବିତାରେ ଚିତ୍ରଧର୍ମ, ସଙ୍ଗୀତ ଧର୍ମ ଓ ଭାବଧର୍ମର ସମନ୍ୱୟ ସମ୍ପାଦିତ ହୁଏ । ଉଚ୍ଚ ଶ୍ରେଣୀର ନିସର୍ଗ-

Digitized by srujanika@gmail.com

କବିତାମାନଙ୍କରେ ଅଲ୍ପବହୁତେ ଉକ୍ତ ଧର୍ମମାନଙ୍କର ମିଳନ ପରିଲକ୍ଷିତ ହୋଇଥାଏ ।

ଚିଲିକା ଉଚ୍ଚ ଶ୍ରେଣୀର ପ୍ରକୃତି-କାବ୍ୟ । ତେଣୁ ଏହାର ପ୍ରାଣପ୍ରାଚୁର୍ଯ୍ୟ କେବଳ ଚିତ୍ରାଙ୍କନ ବା କେବଳ ସଙ୍ଗୀତ ଧର୍ମିତ୍ୱ ବା ଭାବମଧୁରତାରେ ପର୍ଯ୍ୟବସିତ ନୁହେଁ । ରାଧାନାଥ ସୌନ୍ଦର୍ଯ୍ୟର ବାସ୍ତବ ପୁରୋଧା ଥିବାରୁ ତାଙ୍କର ସୌନ୍ଦର୍ଯ୍ୟାନୁରାଗ କେବଳ ତୁଳୀ ଓ ରଙ୍ଗ ମଧ୍ୟରେ ଆବଦ୍ଧ ନରହି ବଂଶୀ ଓ କଣ୍ଠତାଳ ତଥା ହୃଦୟ ଓ ଅନୁଭୂତି ଉପରେ ପ୍ରଭାବ ପକାଇଥାଏ । ସୁତରାଂ ଚିଲିକାର ନିସର୍ଗ-ସୁଷମା ଏକାଧାରରେ ରୂପମୟ ଓ ରସମୟ, ଛନ୍ଦାତ୍ମକ ଓ ଗଂଧାତ୍ମକ । ପ୍ରକୃତି ନାମରେ କୃତ୍ରିମତା ବା ଜୀବନ-ନାମରେ ନିଷ୍ପ୍ରାଣତାର ବ୍ୟାଜଗାମ୍ଭୀର୍ଯ୍ୟ ଚିଲିକା କବିର ଶାଶ୍ୱତ ସୃଷ୍ଟିକୁ ସଂକୀର୍ଣ୍ଣ ବା ସୀମାବଦ୍ଧ କରିନାହିଁ । କବିଙ୍କର ଦ୍ରଷ୍ଟୃମାନସ ପରି ତାଙ୍କର ପ୍ରକୃତି ଚିର ଅନାବିଳ ଓ ଚିର ପ୍ରାଣମୟ ।

ଚିଲିକାରେ ଶବ୍ଦଧର୍ମିତ୍ୱର ଆଲୋଚନା କରିବାକୁ ଯାଇ କୁହାଯାଇ ପାରେ ଯେ କମଳା ବିଳାସ ଭୂମି ଚିଲିକା କବିଙ୍କୁ ଅଖଣ୍ଡ ସୌନ୍ଦର୍ଯ୍ୟ ଓ ଅସୀମ ସ୍ୱାସ୍ଥ୍ୟସ୍ୱପ୍ନର ବାର୍ତ୍ତା ପରିବେଷଣ କରିଅଛି । ଅସଂଖ୍ୟ ଶୈଳଶିଳା, ନାସି-ନଳବନ ଓ କାନ କାନ୍ତାର ମଧ୍ୟରେ କବିଙ୍କର ରୂପବୋଳା ଚକ୍ଷୁ ରୂପର ଛବି

Digitized by srujanika@gmail.com

ଦେଖି ଅମୃତସ୍ୱ ହୋଇଛନ୍ତି । ଦିଗନ୍ତବିସ୍ତାରୀ ଜଳରାଶି, ସଳିଳ ବିହାରୀ ବିହଙ୍ଗମାଳା, ଶୋଭାମ୍ବ ଖରଶ୍ରୋତ ଓ ତରଙ୍ଗର ଗମ୍ଭୀର ଗର୍ଜ୍ଜନ ରୋଳ ତହିଁ ସହିତ, ଶସ୍ୟଶ୍ୟାମ ଦ୍ୱୀପମାଳା, ଦ୍ୱୀପଶିଖରର ମୁକ୍ତସାକ୍ଷୀ ଭଗ୍ନଦୁର୍ଗ ଓ ଦେବାଳୟ, ଋତୁ ପର୍ଯ୍ୟାୟରେ ତଟଭୂମିର ମନୋରମ ବର୍ଣ୍ଣୋତ୍ସବ, ପୁଷ୍ପବହୁଳ ଓ ସରସ ଶ୍ୟାମଳ ବନଭୂମିର ସମୁଜ୍ଜ୍ୱଳ ସ୍ନିଗ୍ଧତା, ଚୋରଡ଼ା ପୁଷ୍ପିତ ଚମ୍ପକ କାନନ, ଅଶୋକ, ଚମ୍ପା, ନାଗେଶ୍ୱର ଓ କନିଅରର ପୁଷ୍ପସମ୍ଭାର ତଥା ସ୍ନିଗ୍ଧସୁରଭି, ସର୍ବୋପରି ଚିଲିକାର ରମଣୀୟ ପ୍ରଭାତ-ପ୍ରଦୋଷ ଓ ଅସଂଖ୍ୟ ଦେବଦେବୀ ପରିବେଷ୍ଟିତ ତଟଦେଶ, ଯଥାର୍ଥରେ ଏହି ସ୍ଥାନଟିକୁ ନିସର୍ଗ-କମଳାର କଳିତ ଅଲେଖ୍ୟଶାଳାରେ ପରିଣତ କରିଥାଏ । କବି ଭାଗ୍ୟବଶେ ଭାରତର "କ ଉତ୍କଳଖଣ୍ଡ କ ଦକ୍ଷିଣାପଥ" ଦର୍ଶନ କରିବାର ସୁଯୋଗ ପାଇଥିଲେ ହେଁ ତାଙ୍କର ରୂପାନ୍ୱେଷୀ ଆତ୍ମା ହିମକିରୀଟ-ଜ୍ଜ୍ୱଳ ହିମାଦ୍ରି, ନୀଳତରଙ୍ଗାୟିତ ସିନ୍ଧୁସ୍ଥାନ, ଭୀଷଣ ବିନ୍ଧ୍ୟାଦ୍ରି କାନ୍ତାର ଓ ଝିଲ୍ଲି-ଝଙ୍କାରିତ ଦଣ୍ଡକା ତଥା ବାତ୍ୟାନ୍ଦୋଳିତ ବରୁଣ ପୁରୀରେ ତୃପ୍ତି ନପାଇ କେତେବେଳେ ଅବସାଦ, କେତେବେଳେ ବା ଆତ୍ମବିସ୍ମୃତିରେ ମଗ୍ନ ହୋଇଥିଲ ।

ତେଣୁ ସେ ସେହି ମନୋହରତ ଦୃଶ୍ୟାବଳୀକୁ ଗୁରୁସ୍ଥାନୀୟ ସ୍ୱୟଂହିଁ ଭୀତ ପ୍ରଦର୍ଶନ କରି ଗୃହିଣୀ ଚିଲିକାକୁ ମାନସ-ନନ୍ଦିନୀ ଭାବରେ ସ୍ମୃତିପଟରେ ବସାଇ ରଖିଥିଲେ । ଚିଲିକା

Digitized by srujanika@gmail.com

ପ୍ରକୃତିର ଏହି ଉଲ୍ଲମ୍ଫହିଁ ତାର ସୀମାବଦ୍ଧ ବକ୍ଷରେ ଚଞ୍ଚଳତ୍ୱର ଅସୀମ ସାକ୍ଷ ଦେଇଥାଏ । ତେଣୁ ହ୍ରଦର ଓ ଜଳର ହିଲୋଳ ମଧ୍ୟ ସ୍ନିଗ୍ଧତା ଓ ମାଧୁର୍ଯ୍ୟ ବଳରେ ଏହା ଦର୍ଶକ ପ୍ରାଣକୁ ଭାବବିହ୍ୱଳ କରିଥାଏ । ଏହାର ରମ୍ୟତୀର ଭୂମିରେ ପଦଦେବା ମାତ୍ରେ ଭାବୁକ ଶାନ୍ତିସୁଧା ଆସ୍ୱାଦନ କରି ବିମଳ ଆତ୍ମପ୍ରସାଦରେ ପୁଲକିତ ହୋଇଉଠେ ।

ଅଧିକନ୍ତୁ ଚିଲିକାବକ୍ଷ ଚିର ସଙ୍ଗୀତ ମୁଖରିତ । ଶତଙ୍ଗମର କେଳଟାନ ଓ ହ୍ରଦ ବିହାରୀ ଧୀବରମାନଙ୍କର ଉଦାସସଙ୍ଗିଣୀ ଏ ଶାନ୍ତିମୟ ରାଜ୍ୟରେ ଯେଉଁ କଲ୍ଲୋଳର ଅମୃତ ନିର୍ଝର ଚିରଦିନ ପାଇଁ ଜଗାଇ ରଖିଥାଏ । ବିଶେଷତଃ ଚନ୍ଦ୍ରୋଦୟ-କାଳେ ହ୍ରଦ ଭୂମିରେ ଉପଗ୍ରାମର ଅନୁଭୂତି ଯେତେବେଳେ ଛନ୍ଦ-ସଂସାର ପରିତ୍ୟାଗ କରି ଅତୀନ୍ଦ୍ରିୟ ଜଗତକୁ ଉଠିଯାଏ, ସେତେବେଳେ ପ୍ରକୃତିର ଏହି ଗୁରୁଗମ୍ଭୀର ସତ୍ୟ-ଶିବ ଓ ସୁନ୍ଦରର ଶାଶ୍ୱତ ସଙ୍ଗୀତରେ ଝଙ୍କୃତ ଜଣାପଡ଼ିବା ସ୍ୱାଭାବିକ ।

ଚିଦ୍ଧର୍ମର ଅନୁଶୀଳନରୁ ବିରତ ହୋଇ ଭାବଧର୍ମୀ ସଙ୍ଗୀତଧର୍ମ ଉପରେ ଦୃଷ୍ଟି ନିକ୍ଷେପ କଲେ ଜଣାପଡ଼େ ଚିଲିକାର ଛନ୍ଦେ ଛନ୍ଦେ ସାଧନାଥଙ୍କର ରୁଧାନୁର ରସାନୁଭୂତ ମିଶ୍ରିତ ରହିଛି । ତେଣୁ—

Digitized by srujanika@gmail.com

"ଭୈରବ ଅରବେ ରେବା ଦେଇ ଝଂପ
ଜନମାଏ ଜନ ମାନସେ ପ୍ରକଂପ,

\+ × ×

ଶୁଣିଲି ଶ୍ରବଣେ ସେ ଭୈରବ ରବ
ଚକ୍ଷୁରେ ଦେଖିଲି ସେ ଜଳର ତାଣ୍ଡବ

(ଖ)

ଧାରସ୍ରାବୀ, ଭୀମରବୀ, ଉଡ଼ଦବନ୍ତ—
ପର୍ଜନ୍ୟ ଗର୍ଜନେ କମ୍ପିଲେ ଦିଗନ୍ତ

(ଗ)

ଉର୍ମିପରେ ଉର୍ମି ଉର୍ମି ତହୁଁପରେ
ସ୍ରୋତ ଗ୍ରାସିବାକୁ ଆସୁଥାଇ ଘରେ ।"

ଉକ୍ତ କାବ୍ୟାଂଶମାନଙ୍କରେ ବର୍ଣ୍ଣନା ପାଠକ ଦ୍ୱାରା 'ନର୍ମଦା', 'ଦଣ୍ଡକା' ଓ ଶ୍ରାବଣ ମହୋଦଧିର ଏକ ସୁରମ୍ୟ ଓ ଧ୍ୱନିମୟ ରୂପ ପାଠକ ହୃଦୟରେ ପ୍ରତିଫଳିତ ହୋଇଥାଏ । ପ୍ରାସଙ୍ଗିକ ଶବ୍ଦ ଯୋଜନା ଓ ରବାଡମ୍ବର ମଧ୍ୟରେ ଏହାହିଁ ପ୍ରକୃତିର ସୂକ୍ଷ୍ମ ସଙ୍ଗୀତ-ସଂଜୀବିତ ପ୍ରାଣପ୍ରବାହ ।

ଏତଦ୍‌ଭିନ୍ନ ସ୍ୱଭାବଧର୍ମିତ୍ୱର ଉଦାହରଣ ମଧ୍ୟ ଗଳ୍ପଭାରେ ବିରଳ ନୁହେଁ । ଅଷାଢ଼ ସଂଧ୍ୟାର ଅସ୍ତରାଗ-ସୂର୍ଯ୍ୟ ମେଘ ଅନ୍ତରାଳରେ ଲୁପ୍ତ ହୋଇଯାଇଥିଲେ ମଧ୍ୟ, ତାହାର ଅସ୍ତ୍ର

Digitized by srujanika@gmail.com

ଜ୍ୟୋତିଃ ମେଘାବୃତ ନଭୋଦେଶକୁ ପ୍ରଭାମୟ କଲାପରି ନିସର୍ଗ ଶୋଭାର ଅତୁଲ୍ୟ ମାଧୁରୀ ଅନେକାଂଶେ ଶିଳ୍ପୀ ଅନ୍ତରର ଭାବାବେଶ ମଧ୍ୟରେ ସ୍ୱତନ୍ତ୍ର ସତ୍ତା ହରାଇ ଦେଇ ରୂପାନ୍ତର ପରିଗ୍ରହ କରିଥାଏ । ଏହି ରୂପାନ୍ତର ଫଳରେ ପ୍ରକୃତିର ବାସ୍ତବ ଦୃଶ୍ୟ ସଂଗେ କବି ତାହାର ଅନ୍ତରର ଭାବ ଓ ଜୀବନ ଦର୍ଶନ ମିଶାଇ ଗାଇ ଉଠେ ଏକ ଅପୂର୍ବ କବିତା, ଯାହା ପ୍ରକୃତିକୁ କେବଳ ରୂପମୟ କରେ ସମୃଦ୍ଧ ରସମୟ ଓ ଭାବମୟ କରିଥାଏ । ଏହି ହିମମୟୂଖାର ସ୍ୱର୍ଣ୍ଣ ଉତ୍ତରୀ ତଳୁ ଝଲସି ଉଠେ ନିସର୍ଗ ସୁନ୍ଦରୀର ଅସ୍ପଷ୍ଟ ଅଳେକ ଧାରା; ଯାହା ସ୍ୱୟଂ ପ୍ରକାଶ ନ ହେଲେ ବି ପ୍ରକାଶ ସାପେକ୍ଷ । ଯେପରିକି :—

"ନିସ୍ତବ୍ଧ ନୀରବ ସେ ମହାକାଶରେ
ସନାତନ ଶ୍ୱେତ ତୁଷାର ଆସନେ
ଜ୍ୟୋତିଃକେଶ ମୂର୍ତ୍ତି ଦେଖିଲି ଚମକି,
ପଙ୍କିଲ ସେ ରୂପେ ଚିତ୍ତବୃତ୍ତି ଥକି;
ମନେମନେ ଭକ୍ତି ନମିଲି ନୀରବେ
ନମୋ ଦେବାତ୍ମନେ ଶ୍ରୀଗୌରୀଶଙ୍କରେ" ।

(ଗ)

ଉତ୍ତୁଙ୍ଗ, ଜୟଜର୍ଜର ଦେଉଳ .
ଶୈବାଳ-ଅରଣ୍ୟ-ଲତା-ଗୁଳ୍ମାକୁଳ,

Digitized by srujanika@gmail.com

ମୂର୍ତ୍ତିମନ୍ତ ହୋଇ ଜଗଭଂଗୁରତା
ପ୍ରତିଧ୍ୱନି ଛଳେ କହେ ଯନ୍ତ୍ର କଥା
(ବା)
ଜାଣିଲି ତୋହର ଚଣାଘାତେ ସଖି
ଦେଖି ନ ଡରନ୍ତି ନର ଭ୍ରୂକୁଟିକି

ଏଣି ସ୍ଥଳରେ ଚଳଚ୍ଚିତ୍ରର ବାସ୍ତବଚିତ୍ର ଅପେକ୍ଷା ଚିତ୍ରହୃଦୟର ଭାବାବେଗ ଅଧିକ ହୃଦୟଗ୍ରାହୀ । ରେଖାଙ୍କିତ ଚିତ୍ରୋପାନଙ୍କର ପ୍ରାକୃତିକ ପରିବେଶ ସଙ୍ଗେ ଅନ୍ତରର ଶାଶ୍ୱତ ଲହର ମିଶାଇ ଦେବ ଭାବରାଜ୍ୟର ଯେଉଁ ଅତୁଳ ସଂଗୀତ ଗାଇଥାନ୍ତି ତାହା ପ୍ରକୃତିକୁ ଭାବଧର୍ମୀ କରିବାରେ ବିଶେଷ ସହାୟକ ।

ବର୍ତ୍ତମାନ ସ୍ପଷ୍ଟ ହୁଏ ଯେ ଚଳଚ୍ଚିତ୍ର ପ୍ରକୃତିରେ ପୂର୍ବୋକ୍ତ ତ୍ରିଧର୍ମର ମଧୁର ସମନ୍ୱୟ ସାଧିତ ହୋଇଅଛି । ଉକ୍ତ ତ୍ରିଧର୍ମକୁ ବାଦ ଦେଲେ ଓ ଚଳଚ୍ଚିତ୍ରର ନୈସର୍ଗିକ ସୌନ୍ଦର୍ଯ୍ୟର ଅନ୍ୟତମ ଉକ୍ତି, (ତ୍ରିଗୁଣାତ୍ମିକ ପ୍ରକାଶ) ଯଥାର୍ଥରେ ଅନୁଧ୍ୟାନର ବିଷୟ ।

ମାନବ ପ୍ରକୃତି ତ୍ରିଗୁଣାତ୍ମିକା ହୋଇଥିବାରୁ ଚଳଚ୍ଚିତ୍ର ପ୍ରକୃତିକୁ ତ୍ରିଗୁଣରେ (ସତ୍ତ୍ୱ, ରଜ, ତମ) ଚିହ୍ନିତ କରିବା ପାଇଁ ମନ ପ୍ରଲୁବ୍ଧ ହୋଇ ଉଠିଥିବା ଅସମ୍ଭବ ନୁହେଁ । ସୁତରାଂ ଚଳଚ୍ଚିତ୍ରର ଗୁହ୍ଣଚିତ୍ରପଟରେ ଯଥାକ୍ରମେ ସତ୍ତ୍ୱ, ରଜ ଓ

Digitized by srujanika@gmail.com

ତମୋ ଗୁଣର ଜୀବନ୍ତ ବିନ୍ୟାସ ଲକ୍ଷ୍ୟ କରି ପାଠକ ସାଦେର ବିମୋହିତ ହୋଇଥାନ୍ତି । ଚିଲିକାର ଦେବଦେବୀପୀଠ, ପର୍ବତ ଦ୍ୱୀପସଂଗମ, ସଂଧ୍ୟା ସକାଳ, ଶରତ ବସନ୍ତ ଓ ଜଣାଥିବାର ପ୍ରକାଶ ମଧ୍ୟରେ ପ୍ରକୃତିପ୍ରବୋଧ ସୌନ୍ଦର୍ଯ୍ୟ ଓ ପ୍ରଶାନ୍ତିର ସେଉଁ ସୁଧାସ୍ପର୍ଶ ଲାଭ କରିଅଛନ୍ତି, ତାହା ପୂର୍ଣ୍ଣମାତ୍ରାରେ ସାତ୍ତ୍ୱିକ ଭାବାପନ୍ନ । କୈଶପୁରକ ହଂସ, ଲେଉ ଓ ମୋହଜାଗ୍ରର୍ଷ୍ୟର ସଂଶୟବାଦ ବା ଚିତ୍ତବିକ୍ଷୋଭ ଏଥିମଧ୍ୟରେ ପ୍ରାୟ ଲକ୍ଷିତ ହୁଏନାହିଁ । ଶାନ୍ତ ତପୋବନର କାନ୍ତଜ୍ୟୋତିଃରେ ପ୍ରକୃତି ମାନବ ଜଗତକୁ ଅନନ୍ତ ଶଶ୍ୱର ବାର୍ତ୍ତା ପ୍ରଦାନ କରୁଅଛି । ଖେଦ ଜର୍ଜରିତ ମାନବପ୍ରାଣ ପ୍ରକୃତିର ଏହି ସାତ୍ତ୍ୱିକ ଅବେଷ୍ଟନୀ ମଧ୍ୟରେ ଆନନ୍ଦ ଓ ଅହ୍ଲାଦରେ ଗାଇଉଠେ—

"ଅହା ! ଏ ଶୋଭାର କାହିଁ ପଟାନ୍ତର ?
ଥିଲେ ଥିବ ସ୍ୱର୍ଗେ, ମର୍ତ୍ତ୍ୟେ ଅଗୋଚର,
ପାସୋରବ ଦେଖି, କହ, କେଉଁ ଜନ
ଏ ଲୋକ ପାସୋରା ଅପ୍‌ସରା ଭୁବନ ?

\+ \+ \+ \+

ପବିତ୍ର ସୁନ୍ଦର, ସୁନ୍ଦର ପାବନ ।
ତୋଠାରେ ହୋଇଛି ଏହା ସଘଟନ"

\+ \+ \+ \+

ଏହା ଭଳି ଭାବ ଚିଲିକାକୁ ଇତିହାସର ରଙ୍ଗମ୍ଞ୍ଚ ସଜାଇ 'କାଞ୍ଚିଅଭିଯାନ' ଓ ପୁରୁଷୋତ୍ତମ-ପଦ୍ମାବତୀଙ୍କ

Digitized by srujanika@gmail.com

ଉତ୍କଳ ଯାହାକୁ ଯେଉଁ ମର୍ଯ୍ୟାଦା ଦୃଷ୍ଟିରେ ବିଂଚିତ କରିଅଛନ୍ତି ତାହା ଯେତେବେଳେ ରସପିପାସୁ ଅନ୍ତରରେ ରାଜସିକ-ଭାବର ସୂତ୍ରପାତ କରିବା ଅତ୍ୟନ୍ତ ସମୀଚୀନ । ରାଜାରାଣୀଙ୍କର ମହାବନ୍ଦୀ ମଣ୍ଡିତ ଗଜଦନ୍ତ-ତଳ୍ପ, ବର୍ମାୟୁଧ ଶୋଭିତ ସୈନ୍ୟ ସାମନ୍ତ, ତଳ୍ପ ଊର୍ଦ୍ଧ୍ୱରେ ଲମ୍ବମାନ ମଣିମୟ ଚନ୍ଦ୍ରାତପ ଓ ସର୍ବୋପରି କାଞ୍ଚିଅଭିଯାନର ବିଜୟ ପାରିକାଳ ପଦ୍ମାଙ୍କର ଅତୁଳନୀୟ ଲାବଣ୍ୟ—ଭାବ୍ୟଷ୍ଟିର ସଂସୃଷ୍ଟ ଛନ୍ଦକୁ ରାଜସିକ ଭାବରେ ଉଜ୍ଜ୍ୱଳ କରିପାରନ୍ତି ।

ସ୍ୱଦେଶର ଜନ, ଭୂମି ଓ ରାଜା ମହାରାଜା ପାଇଁ ଚିଲିକା ଉକ୍ତ ଦ୍ୱିବିଧ ଗୁଣରେ ଭୂଷିତା ହେଉଥିଲେ ମଧ୍ୟ ଜାତୀୟ ପରମ୍ପରା ପାଇଁ ସେ ରୁଦ୍ରମୂର୍ତ୍ତି ଧାରଣ କରିଥାଏ ଯବନ ରକ୍ତବାହୁର ସ୍ପର୍ଦ୍ଧିତ ମସ୍ତକକୁ ଭୂଲୁଣ୍ଠିତ କରିବା ପାଇଁ ଲୀଳାମୟୀ ଚିଲିକା ତରଙ୍ଗର ବିକଟ ରସନା ପ୍ରସାରିତ କରି ଯେଉଁ ଭୀମବେଗରେ ଛୁଟି ଆସିଛି, ତାହା ଦର୍ଶନ କଲେ କାହାର ହୃଦୟରେ ଭୀତି ସଂଚରିତ ନ ହେବ ? ରକ୍ତଲୋଲୁପ ଯବନର ଗର୍ବ, ଗୌରବ ଓ ଯଶଲିପ୍ସା ପଲକ ମଧ୍ୟରେ ଏହି ସଂହାରିଣୀର ଏକ ନିଶ୍ୱାସରେ ନିଶ୍ଚିହ୍ନ ହୋଇଯାଇଛି । ତେଣୁ ଏ ସ୍ଥଳରେ ଚିଲିକା ତମୋମୟୀ, ଧ୍ୱଂସ ସ୍ୱରୂପଣୀ ଓ ପ୍ରଖର ବଦନା ।

... ସୃଜନଶୀଳ ରୂପ ପରିବର୍ତ୍ତେ ମଙ୍ଗଳର ବର୍ଦ୍ଧିପିକା ଧରି ... ଦେଶର ମାନ ଓ ଗୌରବ ବଞ୍ଚାଇ ରଖିବା ପାଇଁ ... ବଳିପରିକର ହୋଇଛି ।

ମୂଳତଃ, ବିଭିନ୍ନ ଧର୍ମ, ଗୁଣ ଓ ଅସରନ୍ତ ସୌନ୍ଦର୍ଯ୍ୟର ସମ୍ଭାର ଧରି ଚିଲିକା ଭବ ବିଳାସୀର ପ୍ରାଣରେ ଯୁଗପତ୍ ଆନନ୍ଦ ଓ ଅଶ୍ରୁର ଅନେକ ରେଖା ଟାଣିଦିଏ ଥାଏ । ତେଣୁ ପୁନଃ ପୁନଃ ଏହାର ଶାଶ୍ୱତ ମାଧୁରୀକୁ ପାନକରି ମନ ଉଦ୍‌ଗାୟୀ ଗାଇ ଉଠେ—

"ସୁନ୍ଦରେ ତୃପ୍ତିର ଅବସାନ ନାହିଁ
ଯେତେ ଦେଖିଲେହେଁ ନୂଆ ଦିଶୁଥାଇ"

—o—

ପଶ୍ଚିମତୀର ଓ ସାୟଂତନ ଶୋଭା—

ଅତଳନ୍ତ ସୁଷମାଭଣ୍ଡାର ଚିଲିକାରେ ପଶ୍ଚିମ ତଟର ପ୍ରକୃତି ଓ ପ୍ରଦୋଷକାଳୀନ ଶୋଭା ସମଧିକ ହୃଦୟଗ୍ରାହୀ । ତଟଭୂମିରେ ଉପବେଶନ କରି ଦୂର ଦୂରାନ୍ତକୁ ଦୃଷ୍ଟି ନିକ୍ଷେପ କଲେ, ନୀଳରୁ ନୀଳତର ଶୈଳଶ୍ରେଣୀର ଅସୀମ ବିସ୍ତାର ଦର୍ଶକର ଦୃଷ୍ଟିପଥାରୁଢ଼ ହୋଇଥାଏ । ଉକ୍ତ ଶୈଳଶ୍ରେଣୀର ନେତୃତ୍ୱ ନେଇ ଉଜ୍ଜୀବୀପଠର ପ୍ରାଚୀର ସଦୃଶ ମହାମାନସ୍କ ଭାଲେରୀ ଗଗନସ୍ପର୍ଶ କରି ଦଣ୍ଡାୟମାନ । ତରଙ୍ଗ ଲୀଳାୟିତ ଜଳରାଶିର ସୁକୋମଳ ସ୍ପର୍ଶ ଓ ଶିଖରବଳମ୍ବୀ ମେ ପଥର ବିଚିତ୍ର ଶୋଭା ଗିରିଟିର ସୁଷମା ବୃଦ୍ଧିରେ ବି

Digitized by srujanika@gmail.com

ସହାୟକ । ସ୍ୱଳ୍ପ ଜଳ ଗୁଳ୍ମ ଜଟିଳ ଜଟିଆ, ପର୍ବତପ୍ରାନ୍ତ ଶୋଭିତ, ସିଂହେଶ୍ୱରଙ୍କର ଯାମଳଭୂଧର, ସାଲିଆ,—ଯେଉଁଠି ଘଣ୍ଟଶିଳା, ମୈନାକ, ଖଣ୍ଡାଧାରା ଓ ବାଲିଣିଆ ଗିରି ଉପମାନଙ୍କର ଊର୍ଦ୍ଧ୍ୱର ଶୋଭାର ମାୟା ଓର ଚକ୍ଷି ପାର୍ଶ୍ୱର ମୁଖମଣ୍ଡଳ ବଢ଼ୁଅଛନ୍ତି । ସେମାନଙ୍କର ଗାଢ଼ ଓ ଶିଖରବର୍ତ୍ତୀ ଅସଂଖ୍ୟ ବୃକ୍ଷଚ୍ଛତ୍ରୀ, ସାନ୍ଦ୍ର କାଳଭବନ ଓ ରମ୍ୟ କୁଞ୍ଜବନ, ଶାନ୍ତ ଓ ପ୍ରୀତିର ଅର୍ଘ୍ୟ ଧରି ଭ୍ରମଣକାରୀଙ୍କୁ ଅଭିନନ୍ଦନ ଜଣାଉଥିଲାପରି ବୋଧହୁଏ । ପୂର୍ବପଟରୁ ନଳବନ୍ଧ ପଶ୍ଚିମ ପଟକୁ ଅଗ୍ରସର ହେଉଥିବା ବେଳେ ମୂଳାକାର୍ତ୍ତ ନୈବେଦ୍ୟଶଯ୍ୟା, ଶୈବାଳ ଅସ୍ତୃତ ସ୍ନିଗ୍ଧଶୋଭାବର୍ଣ ଓ ତରଙ୍ଗ ସ୍ପର୍ଶୀ ସୂର୍ଯ୍ୟାଞ୍ଚଳ ନାସି ଦର୍ଶକର ହୃଦୟଦେଶରେ ସମୃଦ୍ଧସୁଷମାର ପାରାବାର ସୃଷ୍ଟି କରିଥାଏ । ଦୂରରୁ ନୀରବଚ୍ଛିନ୍ନ ବୋଧ ହେଉଥିବା ଗିରିମାଳା ସମୀପବର୍ତ୍ତୀ ହେବା ସଂଗେ ସଂଗେ କ୍ରମେ ବିଚ୍ଛିନ୍ନ ଓ ସ୍ପଷ୍ଟ ଦେଖାଯା'ନ୍ତି । ଇନ୍ଦ୍ରଜାଳର ମାୟାପୁରୀ ମଧ୍ୟରେ ଶୋଭଙ୍ଗୀ ତାହାର ମର୍କତ କାନ୍ତି ଧରି ଦଣ୍ଡାୟମାନ ହୁଏ । ଯେଉଁ ଭ୍ରମଣେଚ୍ଛା ଜନ ଶୋଭଙ୍ଗୀ ବିଷୟରେ ମନୁଷ୍ୟଙ୍କ ଠାରୁ ଯେଉଁ ବର୍ଣ୍ଣନା ଶୁଣିଛନ୍ତି, ତାହା ଅକ୍ଷରେ ଅକ୍ଷରେ ସତ୍ୟ ।

ଚିଲିକାର ଦ୍ୱୀପ-ଶୈଳ ସମୂହରେ ଘୁମୁସରଙ୍କର ସଂସ୍ଥାନ ଅତ୍ୟନ୍ତ ଐନ୍ଦ୍ରଜାଳିକ । ଶିଖରଚୂମ୍ବୀ ଅସ୍ପୃଷ୍ଟ ଚିତ୍ରିତ ମେଘମାଳା ଦର୍ଶକ ସମ୍ମୁଖରେ ଅନନ୍ତ ସ୍ୱପ୍ନମାନ ଦ୍ୱାର ଉନ୍ମୁକ୍ତ କରିଦିଏ । ଏ ଦୃଶ୍ୟ ଚିର ଅବିସ୍ମରଣୀୟ ଓ ଅନୁଭବ ସାପେକ୍ଷ ।

Digitized by srujanika@gmail.com

ଏହାର ପଶ୍ଚାନ୍ତର ମଣ୍ଡିମ୍ୟରେ ତାହାଂକ , ସ୍ୱର୍ଗରେ ମଧ୍ୟ ଦୁର୍ଲ୍ଲଭ । କୌଣସି ରୂପପାୟୀ ଏହି ଦୃଶ୍ୟ-ସୁଧା ଥରେ ମାତ୍ର ପାନ କରି ତୃପ୍ତ ହୋଇ ନପାରେ । ତେଣିହିଁ କବି ଯଥାର୍ଥରେ ଗାଇଛନ୍ତି –

"ବଚନ ବିଷୟ ନୁହଁଇ ଏ ଛବି
ହୃଦ ସେ କେବଳ ପାରେ ଅନୁଭବି ।"

ପଶ୍ଚିମ ତଟର ଅତୁଳନୀୟ ଶୋଭା ଗୋଧୂଳି ଲଗ୍ନରେ ଅଧିକତର ଆକର୍ଷଣୀୟ ହୋଇଉଠେ । ଦିବସର କର୍ମଶେଷ କରି କ୍ଲାନ୍ତ ବିକର୍ତ୍ତନ ଶୈଳେଶ ଶିଖରେ ବିଦାୟ ନିଅନ୍ତି । ତାଙ୍କର ଅସ୍ତାୟମାନ ରଶ୍ମିରେ ପଶ୍ଚିମ ଗଗନ ବର୍ଣ୍ଣାଢ୍ୟ ଶୋଭା ଧାରଣ କରେ । ଶୈଳେଶ ପୃଷ୍ଠରେ କ୍ଲାନ୍ତ ଦିବସର ଶେଷ ପର୍ଯ୍ୟାୟ ଦର୍ଶନ କରି ଜଳ ବିହାରୀ ପକ୍ଷୀଗଣ ନୀଡ଼ାଭିମୁଖେ ପ୍ରତ୍ୟାବର୍ତ୍ତନ କରନ୍ତି । ବନ୍ଧୁର ପାର୍ବତ୍ୟ ସରଣୀ ହିଂସ୍ର ଶ୍ୱାପଦର ହିଂସାନାଦରେ ମୁଖରିତ ହୋଇଉଠେ । ନଟୋତ୍ସ୍ଥୋଦ୍‌ଗତ ଧୂମରେଖା ଲୀଳାୟିତ ଗତିରେ ଆକାଶ ବକ୍ଷରେ ବିଲୀନ ହୋଇଯାଏ । ପଶ୍ଚିମାସଂଧାର ବନ୍ଦାପନା ଗାଇଁ ଯନ୍ତ୍ରମାନେ ଶୈଳସାନୁରୁ ନିମ୍ନଦେଶକୁ ଅବତରଣ କରନ୍ତି । ହ୍ରଦର ନୀଳଜଳରେ ଅସ୍ତଗତର ତାହାଁଶ୍ରୀ ଚେତାଙ୍କର ପ୍ରବାଳ ପ୍ରାସାଦର ସ୍ୱପ୍ନ ଦେଖାଇଥାଏ ।

କ୍ରମେ ସଂଧ୍ୟା ନିବିଡ଼ ହୋଇଆସେ । ପ୍ରଦୋଷ ଅନ୍ଧକାରର କୃଷ୍ଣଯବନୀ ତଳେ ଅସ୍ତାଚଳର ଦେଶ ଦ୍ୱୀପଶୈଳର

ସୁଷମା ହଜିଯାଏ । ଭୁଲେଶ୍ୱର ଶିଖରେ ସଂଧ୍ୟା-ତାରା ଦର୍ଶନ କରି ମୀନଜୀବିଗଣ ମୀନ ଆକର୍ଷଣ ପାଇଁ ସ୍ୱ ସ୍ୱ ତଟରେ ମଶାଲ ଜାଳିଦିଅନ୍ତି । ଅସ୍ତଗତ ପାଟଳା ପ୍ରତୀଚୀର ବକ୍ଷ ଥରାଇ ସୂର୍ଯ୍ୟଦେବ ବିଦାୟ ନିଅନ୍ତି । ତତକ୍ଷଣେ ପୂର୍ବାକାଶରେ ନୂତନ ଚନ୍ଦ୍ରର ସ୍ୱାଗତିକା ଫୁଟିଉଠେ । ବାରୁଣୀ ଓ ପ୍ରାଚୀର ମାଧୁରୀ ଏହି ସମୟରେ ଅତୁଳନୀୟ ଓ ଅନିର୍ବଚନୀୟ । ବୋଧହୁଏ ଏହିପରି ଦୃଶ୍ୟରେ ମୁଗ୍ଧ ହୋଇ କବି ଗୁରୁ ଭଂଜ ବେଦନ ଗାଇଥିଲେ:—

"ବାରୁଣୀ ପ୍ରାଚୀ ମାଧୁରୀ । ବେନିସ୍ଥାନ ସଂଧ୍ୟାପର
ବିମ୍ବ ସବିତାର ଚନ୍ଦ୍ରର ତାର କଥା ହେଲ ସ୍ୱେହର ।"

(ବୈଦେହୀଶ ବିଳାସ)

ଜ୍ୟୋତସ୍ନାଞ୍ଚିତ ପୂର୍ବ ଦିଗଙ୍ଗନା ହ୍ରଦବକ୍ଷରେ ପ୍ରବେଶ ହୋଇ ପୃଥିବୀ ବକ୍ଷରେ ଶୁଭ୍ରତା ଓ ଶୀତଳତାର ବାର୍ତ୍ତା ପ୍ରଚାର କରେ । ସୃଷ୍ଟିର ନିଷ୍ଟଲତା ମଧ୍ୟରେ ପ୍ରକୃତିଶିଶୁ ଶାନ୍ତି ଓ ମୁକ୍ତିର ଅମୃତ ପାନ କରି ବିହ୍ୱଳ ହୋଇପଡେ । ଚିଲିକା ବିହାରୀ ଧୀବର କଣ୍ଠର ଉଦାସଲହରୀ ତାର ହୃଦୟତନ୍ତ୍ରୀରେ ପ୍ରତିଧ୍ୱନିତ ହୋଇ ଜଗତର ଝଙ୍କାର ତୋଳିଦିଏ । ସେ ରସାପ୍ଲୁତ ପ୍ରାଣରେ ସେହି 'ଭୂମା'ର ବିଶାଳ ପ୍ରକାଶରେ ତନ୍ମୟଚିତ୍ତ

Digitized by srujanika@gmail.com

ହୋଇ "ଷଣେ ଷଣେ ଯଲବତୀ ମୂର୍ଚ୍ଛିତ" ରମଣୀପ୍ରଭାଙ୍କ କୋଡ଼ରେ ଭାବମଗ୍ନ ହୋଇ ଗାଇଗଲେ—

"ଚିଲିକା ! ତୋର ଏହୁ ଶୋଭାବନ
ଚନ୍ଦ୍ରୋଦ୍ଭବସ୍ଥ ଦୃଶ୍ୟ ସାନ୍ତ୍ୱନ
ଅଟେ ସର୍ବ ଶୋଭ୍ର ସୀମନ୍ତର ଟୀକା
ଉତ୍କଳର ଗୁରୁ ଅଲେଖ୍ୟ ଶାଳିକା !"

—o—

ରାଧାନାଥଙ୍କର କବିତ୍ୱ—

"କାବ୍ୟଂ ରସାତ୍ମକଂ ବାକ୍ୟମ୍," ଏହା ଥିଲା ପ୍ରାଚୀନ ଯୁଗର କାବ୍ୟାଦର୍ଶ ଓ ଶୃଙ୍ଗାର ରସ କୁଶଳ—କବି ହିଁ ସେତେବେଳେ ଉଚ୍ଚ କୋଟୀର ସ୍ରଷ୍ଟାବୋଲି ବିବେଚିତ ହେଉଥିଲା । କବିତିଲକ ଭଞ୍ଜ ଉକ୍ତ ଆଦର୍ଶର ନିଷ୍ଠାପର ସେବକ ଥିଲେ । ହେଲେ ହେଁ ନବଯୁଗର ଶୁଭ ପ୍ରଭାତରେ ରାଧାନାଥ ଚିରାନୁଚରିତ ଚିନ୍ତାରେ ପରିବର୍ତ୍ତନ ଆଣି ଉତ୍କଳ ସାହିତ୍ୟରେ ଆଧୁନିକତାର ଭିତ୍ତିପାତ କଲେ । ତାଙ୍କର କବିତ୍ୱ ଅନ୍ତରାଳରେ ଭଞ୍ଜଙ୍କର ଦୀପ୍ତ ପ୍ରତିଭା ସୁପ୍ତ ଥାଇଥାଏ, କିନ୍ତୁ ଭାରତଦ୍ୱାରରେ ପ୍ରାଚୀନତାର ଲୌହ ଶୃଙ୍ଖଳରୁ ମୁକ୍ତ ହେବାପାଇଁ ରାଧାନାଥଙ୍କର ଅକ୍ଲାନ୍ତ ଚେଷ୍ଟା ଯଥାର୍ଥରେ

Digitized by srujanika@gmail.com

ପ୍ରଶଂସ୍ୟ । ମୂଳତଃ କବିଙ୍କର ଭାବ୍ୟଜନ୍ୟା ସରଳା, ସ୍ନିଗ୍ଧା, ଶବ୍ଦମଧୁର ଓ ସୁରସ୍ନିଗ୍ଧା । ଅଳଙ୍କାର ଓ ସ୍ୱତନୀତିର ଚଣ୍ଡକ ଦୁର୍ଗରେ ଏସ ବନ୍ଧନୀ ନୁହେଁ; ମୁକ୍ତା । ଭାବ ଜଣ୍ଡରେ ସ୍ୱାଧୀନତା ଓ ସ୍ୱପ୍ନମୟତାର ଅମୃତ ଝଙ୍କାର । ଗ୍ରାହ୍ୟ ଓ ପାଣ୍ଡିତ୍ୟ ସାହିତ୍ୟର ଉନ୍ମୋଚନରେ ତାର ସ୍ୱଗତ ଗୀତ.........

ଚିଲିକା ଏକ ଖଣ୍ଡକାବ୍ୟ । କାବ୍ୟାଙ୍ଗୀଭୂତ ପ୍ରକୃତି ବର୍ଣ୍ଣନାର ଏକ ପ୍ରାଣସ୍ପର୍ଶୀ ପ୍ରକାଶରେ ଏହାର ପ୍ରାଣ-ସ୍ପନ୍ଦନ । ପ୍ରାସଙ୍ଗିକ ହେବରେ କହୁଲ ଉଦ୍ଧାମର ଏକ ଉଜ୍ଜ୍ୱଳ ପୃଷ୍ଠାକୁ କବି ଏଥିସଙ୍ଗେ ଗ୍ରଥିତ କରିଦେଇଛନ୍ତି । ରୁଦ୍ର ଓ କରୁଣାଦ ରସର ଅବତାରଣା ଘଟିଥିଲେ ମଧ୍ୟ କାବ୍ୟଟି ଶାନ୍ତରସ-ପ୍ରଧାନ । ଜଡ ସାଂସାରିକ କୋଳାହଳରୁ ମୁକ୍ତିପାଇ ସୁଷମାର ତୀର୍ଥଭୂମି ଚିଲିକାରେ ଶାନ୍ତିଦେବୀଙ୍କର ପଦାଙ୍କ ଦର୍ଶନ ସୁଯୋଗ ଲାଭ କରିଅଛନ୍ତି । ଏ ବିଚିତ୍ର ସ୍ଥଳୀ ଭାବ ବିହ୍ୱଳ କଳାକାର ପ୍ରାଣରେ ଏକ ଦିଗରେ ସୃଷ୍ଟିର ଅସୀମ ସୌନ୍ଦର୍ଯ୍ୟ ଓ ଅନ୍ୟ ଦିଗରେ ଜୀବନ ଭଙ୍ଗୁରତା ଏହିପରି ଦୁଇଟି ପରସ୍ପର ବିରୋଧୀ ବୃତ୍ତି ଜାଗ୍ରତ କରିଅଛନ୍ତି । ଶାନ୍ତ ସ୍ଥିରର ପୀଠଭୂମି ପ୍ରକୃତି ଉତ୍ସଙ୍ଗରେ ପ୍ରାଣଭରି କ୍ରୀଡ଼ା କରିବାକୁ ଅବକାଶ ନାହିଁ । ରୋଗଶୋକ ଓ ଦୁଃଖ ଦୁର୍ଦ୍ଦଶା ବ୍ୟାଘାତରେ ଅଦୃଷ୍ଟର କ୍ରୂର ଇଙ୍ଗିତ ସେଥି ମଧ୍ୟରୁ ମାନବର ଲକ୍ଷ୍ୟ ଅସ୍ଥାକୁ ଦାରୁଣ ବାସ୍ତବତା ମଧ୍ୟକୁ ଟାଣିନେଉଛି—

Digitized by srujanika@gmail.com

ଏହାହିଁ କବିଙ୍କର ଅବସାଦ ଓ ନୈରାଶ୍ୟର ପ୍ରଧାନ କାରଣ । କବି ପ୍ରାଣର ଏହି ଅବସାଦ ଓ ନିରାଶା ମଧ୍ୟରେ ଯେଉଁ କରୁଣମୂର୍ଚ୍ଛନା ଫୁଟି ଉଠିଛି, ତାହାହିଁ ଚିଲିକା କାବ୍ୟର ମଧୁରତମ ଅଂଶ, କାରଣ ଅମର ଅଶ୍ରୁ ଓ ଅବସାଦର ଭଗ୍ନ ବୀଣାରେ ହିଁ ଜୀବନର ଶାଶ୍ୱତ ମଧୁର ଝଙ୍କାର ବେଶ୍ ଉପଭୋଗ୍ୟ ବୋଧହୁଏ । ସେଥିପାଇଁ Shelly ସେଦିନ ଗାଇଥିଲେ:—

> "Our Sincerest laughter with
> some pain is fraught,
> Our Sweetest songs are those that
> tell of saddest thought''

ଏହାଭିନ୍ନ ଚିଲିକାର ଭାଷାବିଭବ ଯେମିତି ଅର୍ଥଗର୍ଭିତ ସେମିତି ଛନ୍ଦୋଚ୍ଛଳ । ବାତାବରଣ ଉପଯୋଗୀ ଶବ୍ଦ ଯୋଜନାରେ ରାଧାନାଥଙ୍କର କୃତିତ୍ୱ ଅତୁଳନୀୟ । ଭାଲେରୀ ଶିଖରେ କ୍ଲାନ୍ତ ସୂର୍ଯ୍ୟଙ୍କର ମଳିନ ଅସ୍ତାଲୋକ ଓ ବନସ୍ତବ୍ଧ ଘୂର୍ଣ୍ଣି ବର୍ଷ ଅନ୍ତରାଳରେ ସମୀଚୀନତା ବର୍ଣ୍ଣିବା ପାଇଁ ସୂର୍ଯ୍ୟ ଅର୍ଥରେ ଯଥାକ୍ରମେ "ବିକର୍ତ୍ତନ" ଓ 'ମିହିର' ଶବ୍ଦର ପ୍ରୟୋଗ କବିଙ୍କର ଦୂରଚିନ୍ତାଶକ୍ତି ଓ ଅଦ୍ଭୁତ କୃତିତ୍ୱର ପରିଚୟ ଦେଇଥାଏ । ସେହିପରି "ଧାବମାନ ଭୀମରବା ତରଙ୍ଗବୃନ୍ଦ' ବା "କଲୁଷିତ ବାରି କଳୁଷ ହାରକ" ଭଳି ଏକାଧିକ ସ୍ଥଳରେ କବିଙ୍କର ସୁଚିନ୍ତିତ ଶବ୍ଦ

Digitized by srujanika@gmail.com

ଏକାଧାରରେ ରସୋନ୍ନତ ଓ ଭାବୋଦ୍ରେକରେ ସହାୟକ ହୋଇଛନ୍ତି, କଦ୍ଭୁତା ଅତ୍ୟୁକ୍ତିକର ନୁହେଁ ।

ଭାବ ଦିଗରୁ ଅନୁଶୀଳନ କଲେ ଚିଲିକା ଭାବମୟତାର ଏକ ଗନ୍ତାଘର । ପ୍ରକୃତ ସୂତ୍ରଧାର କରସ୍ପର୍ଶରେ ତାହାର ଗୋଟି ମାଟି ପଦ୍ୟ ସଙ୍ଗୀତ ମୁଖର ହୋଇ ଉଠିଛି । ସରଳ ପଥୂର ଛନ୍ଦ, ପୂର୍ଣ୍ଣ ମିତାକ୍ଷରତା, ପ୍ରସଙ୍ଗୋପଯୋଗୀ ଭାଷା, ଅନୁପ୍ରାସ, ଉତ୍ପ୍ରେକ୍ଷା, ବ୍ୟତିରେକ, ଉପମା ଓ ରୂପକ ଭଳି ସୁବୋଧ୍ୟ ଅଳଙ୍କାରର ସୁଷମ ବ୍ୟବହାର ଓ ଅବସ୍ଥା ଚିତ୍ରରେ ଧ୍ୱନ୍ୟାତ୍ମକତା ଓ ବ୍ୟଞ୍ଜନାର ଅବତାରଣା, ଚିଲିକାକୁ ଶୋଭାପାଶୋଷ ଅପ୍ସର ଭୁବନରେ ପରିଣତ କରିଅଛି ।

"ନୀଳିମାରେ ବାମା ଗୃହ୍ଣ କେଶପାଶ
ତୋ ନୀଳ ବାରିକୁ କଲା ଉପହାସ
ଦେଖିକ ଗଗନେ ଅପମାନ ଭୟେ
ମଥା ପିଟୁଥିଲେ ତରଣୀ ପଞ୍ଜରେ"

(ବା)

"ଗ୍ରପ୍ୟାଦାନନ ଦନ୍ତ ଯହିଁ ନାଗଫେଣୀ
ନୀରଦାନେ ପୁଣି ମଣିତବା ବେଣୀ"

ଭଳି ସ୍ଥଳମାନଙ୍କରେ କବିଙ୍କର ବଚନ ବୈଦଗ୍ଧ୍ୟ କାହାକୁ ବିସ୍ମିତ ନ କରେ ? ଚିଲିକାରେ ରାଧାନାଥଙ୍କର

Digitized by srujanika@gmail.com

ସୌନ୍ଦର୍ଯ୍ୟାନୁଭବ ଅଖଣ୍ଡ ଓ ଅନନ୍ତ । ଏହାର ପରିତୃପ୍ତି ନାହିଁ, ଏହା ଅସୀମ । ଏହି ଅସୀମତାକୁ ଜୀବନର ସାଥୀ କରିବା ପାଇଁ କବି ହୃଦୟରେ ଯେଉଁ କରୁଣୋଚ୍ଛ୍ୱାସ ଦେଖା-ଦେଇଛି, ତାହାର ଛନ୍ଦମାନଙ୍କର ଶାଶ୍ୱତ ଅଶ୍ରୁ, ଅନନ୍ତ ବ୍ୟାକୁଳତା ଓ ଅଖଣ୍ଡ ଆତ୍ମନିବେଦନର ପ୍ରକାଶ । ଭଙ୍ଗୁର ଜୀବନର ଜନ୍ମ ହୋଇ ସୁନ୍ଦର ଈଶ୍ୱର ବିମୋହନ ସୁରଭିକୁ ପରିତ୍ୟାଗ କଲାବେଳେ ଏହି ଆକୁଳତା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ତାହାର ହୃଦୟକୁ ମଥିତ ନକରେ ? ସଂସାରର ସମସ୍ତ ପ୍ରାଣୀଙ୍କ ମଧ୍ୟରେ ଥାଇ ସେଦିନ ବିଶ୍ୱକବି ରବୀନ୍ଦ୍ର ନାଥଙ୍କୁ ଏକାନ୍ତ ନିଃସହାୟ ମନେକରି ଦୁଃଖର ଆବାହନ ଗୀତ ଗାଇ ଉଠିଥିଲେ:—

“ଦୁଃଖ ତୁଇ ଆସୁ ତୁଇ ଆସୁ
ନିତାନ୍ତ ଏକେଲା ଏ ହୃଦୟ” ।(ସଂଧ୍ୟାସଙ୍ଗୀତ)

ଦୁଃଖ ଦୁର୍ବିପାକକୁ ଯାତ୍ରାପଥର ସହଚର କରିବା ପାଇଁ କବିଙ୍କ ଉକ୍ତିର ଏ ଭାବବେଗକୁ ବାସ୍ତବିକ୍ ବସୁଧୈବାଦୀ । ତଥାପି ଦୁଃଖର ଦହନରେ ପ୍ରାଣର ସୁରଭି ମୁକୁଳିତ ହୁଏ, ଏହା ସେ ଅନ୍ତରେ ଅନ୍ତରେ ଅନୁଭବ କରିଥିଲେ । ତେଣୁ ତାଙ୍କର ମୃଦୁଭଜନର ପ୍ରତିଧ୍ୱନିତ କରି ବହୁ ଅସିଥିଲା:—

“ଆମାର ଏ ଧୂପ ନା ପୋଡ଼ାଇଲେ
ଗନ୍ଧ କିଛୁଇ ନାହି ଢାଲେ
ଆମାର ଏ ଦୀପ ନା ଜ୍ୱାଲିଲେ
ଦେୟନା କିଛୁଇ ଆଲୋ, (ଗୀତାଞ୍ଜଳି)

Digitized by srujanika@gmail.com

ରବୀନ୍ଦ୍ର ନାଥଙ୍କ ପରି ରାଧାନାଥ ନିଜକୁ ଦୁଃଖ ମୃତ୍ୟୁର ନିଃସ୍ୱ ଭବଦ୍ୱାରେ ଗଭୀର ଆତ୍ମପ୍ରସାଦ ପାଇଛନ୍ତି । ତାହାକୁ ଏ ଆତ୍ମପ୍ରସାଦର ରୂପ କରୁଣାର୍ଦ୍ର ହୋଇଥିଲେ ଓ ଏହାର ଅନ୍ତରାଳରେ ତାଙ୍କ ଜୀବନର ସାର୍ଥକତା ନିହିତ ରହିଛି । ସୁଖସଂ ଦୁଃଖବାଦ ରାଧାନାଥଙ୍କର ଚରିତ୍ରର ଏକ ବିଶିଷ୍ଟ ଦିଗ । ଏତଦ୍‌ଭିନ୍ନ ଦେଶାତ୍ମବୋଧ ତାଙ୍କର କାବ୍ୟସୃଷ୍ଟିର ଅନ୍ୟତମ ବିଶିଷ୍ଟତା । ପୂର୍ବର ମାଟି ମହୀମୂଳରେ ବନ୍ଧନର ଯେଉଁ ସ୍ୱାକ୍ଷର ଦିଅନ୍ତି, ତାହା ଯେ କୌଣସି ରାଜନୈତିକ ବିପ୍ଳବ ବା ଅସ୍ତିତ୍ୱ ଠାରୁ ବଳୀୟାନ ଓ ଚିରସ୍ଥାୟୀ ହୋଇଥାଏ । ରାଧାନାଥ ଚିଲିକା ଜରିଆରେ ଏ ଜାତିର ସାହିତ୍ୟ, ସଭ୍ୟତା ଗୌରବ ଓ ଗରିମା ପାଇଁ ଯେଉଁ ବିଳାପ ତୋଳିଛନ୍ତି, ତାହା ତାଙ୍କର ଗଭୀର ଦେଶପ୍ରୀତିର ପରିଚୟ ଦେବା ସଙ୍ଗେ ସଙ୍ଗେ ଯେ-କୌଣସି ଜାତିକୁ ଦେଶ-ଦଶର ଉନ୍ନତି କଳ୍ପେ ଉତ୍ଥାନ ଓ ବହିର୍ମୁଖୀ ହେବା-ପାଇଁ ପରୋକ୍ଷ ନିର୍ଦ୍ଦେଶ ଦେଇଥାଏ ।

ଚିଲିକାର ପ୍ରକୃତ ଚିତ୍ରଣରେ ରାଧାନାଥଙ୍କର କୃତିତ୍ୱ ପୂର୍ବେ ଅଲୋଚିତ ହୋଇଛି । ତେଣୁ ସେ ବିଷୟର ପୁନରୁକ୍ତି ନ କରି ସମ୍ପ୍ରତି ତାଙ୍କର 'ସ୍ୱୀକରଣ-ପ୍ରବୃତ୍ତି' ର ବହୁପାଠିତାର ସଂକ୍ଷିପ୍ତ ଆଭାସ ଦେବା ଏ ସ୍ଥଳରେ ଏକାନ୍ତ ଅପରିହାର୍ଯ୍ୟ ।

Digitized by srujanika@gmail.com

ରାଧାନାଥ ଉଚ୍ଚଶ୍ରେଣୀର ସ୍ରଷ୍ଟା । ତାଙ୍କର କବିତ୍ୱ ମୂଳରେ ସଂସ୍କୃତ-ହିନ୍ଦୁର ଅଶେଷ ଧୀଷଣା ଓ ପ୍ରାଚ୍ୟ ତଥା ପାଶ୍ଚାତ୍ୟ ସାହିତ୍ୟର ଦାନ ନିରବଚ୍ଛିନ୍ନ ଭାବରେ ଜଡ଼ିତ । ବହୁପାଠିତା ଫଳରେ କବିଙ୍କର ଚିନ୍ତାଶକ୍ତି ସ୍ୱାଧୀନ ଓ ମୌଳିକ । ତେଣୁ ଚିଲିକା ପରି ଖଣ୍ଡ କାବ୍ୟଟିରେ ମହାକବି ମାଘ, କାଳିଦାସ, ଭବଭୂତି, ଇଂରେଜ ଓ ପାଶ୍ଚାତ୍ୟ ମନୀଷୀ ଶେଲି, ସ୍କଟ୍, କୀଟ୍ସ୍ ଓ ବାଇରନଙ୍କର ପ୍ରତିଭାର ପ୍ରତିଫଳନ ଲକ୍ଷିତ ହେଉଥିଲେ ମଧ୍ୟ ରାଧାନାଥଙ୍କର ସ୍ୱୀକରଣି ପ୍ରବୃତ୍ତି ତାହାକୁ ଦୃଷ୍ଟି ମାଧ୍ୟରେ ଏ ଦେଶର ଓ ଜଳବାୟୁର କରିବା ପାଇଁ ସମର୍ଥ ହୋଇଛନ୍ତି ।

ଉଦାହରଣ ସ୍ୱରୂପ ଭଗବତୀ ପୀଠର ସମୀପବର୍ତ୍ତୀ ଅର୍ଦ୍ଧମଗ୍ନ ଗୁଳ୍ମଜଟିଳ ଶୈଳଶିଳାକୁ ଲକ୍ଷ୍ୟ କରି କବି କହିଛନ୍ତି:—

"ପକ୍ଷଚ୍ଛେଦ-ଶଙ୍କା କରେଣ୍ଡ କି ଶଇଳେ
ଲୁଚି ରହିଥିଲେ ତୋହର ସଲିଳେ ?"

ଉକ୍ତ ପଂକ୍ତି ଦ୍ୱୟର ଅନୁରୂପ ଶବ୍ଦବିନ୍ୟାସ ଓ ଭାବଧାରା କାଳିଦାସଙ୍କ ଲେଖନୀରେ ଦେଖିଥିଲା ପରି ମନେହୁଏ ଯଥା:— "ପକ୍ଷଚ୍ଛିଦା ଗୋତ୍ରଭିଦାତ୍ତ-ଗନ୍ଧାଃ ଶରଣ୍ୟମେନଂ ଶତଶୋମହୀଧ୍ରାଃ" (ରଘୁବଂଶ)

Digitized by srujanika@gmail.com

ଭାରତ ମହାସାଗରର ଉର୍ମ୍ମିମା ଜଳ ଚଞ୍ଚ ଯେଉଁଠି,
"ବାତ୍ୟା-ଅନ୍ଦୋଳିତ ମହାଡମ୍ବର,
ଭ୍ରମିଲ ଭୀଷଣ ଗର୍ଜ୍ଜନ ବର୍ଦ୍ଧନେ,
ଯହିଁ ଉଚ୍ଛାଳେ ଅସ୍ପୃଷ୍ଟକ ସ୍ତର
ନୀଳାର୍ଣ୍ଣବ-ଦେହେ ଲଗ୍ନ ନୀଳ ନଭଃ,

ତେବାଲ୍ ଗାଇ ଉଠୁଛନ୍ତି, ପାଠକ ବା ଶ୍ରୋତା କାଳିଦାସଙ୍କ କଣ୍ଠରେ ଏହି ଭାବର ସଙ୍ଗୀତ ଶୁଣିଥିଲେ ସେହି ଅନୁଭବ କରୁଛି । ଯାହାକି,

"ଦୂରାଦୟଶ୍ଚକ୍ର ନିଭସ୍ୟ ତନ୍ୱୀ ତମାଳ
ତାଳୀ ବନରାଜିନୀଳା
ଆଭାତି ବେଳା ଲବଣାମ୍ବୁରାଶେର୍ଧାରା
ନିବଦ୍ଧେବ କଳଙ୍କରେଖା" । (ରଘୁବଂଶ)

ସେହିପରି "ସୁନ୍ଦରେ ତୃପ୍ତିର ଅବସାଦ ନାହିଁ,
ଯେତେଥର ଦେଖିଲେ ହେଁ ନୂଆ ଦିଶୁଥାଏ" ପଂକ୍ତିରେ କୀଟ୍ସଙ୍କର 'Endymion' ର "A thing of beauty is a joy for ever" ବା ମାଘ କବିଙ୍କର,

"ଦୃଷ୍ଟୋଽପି ଶୈଳଃ ସ ମୁହୁର୍ମୁରାରେ-ରପୂର୍ବ
ବଦ୍ବିସ୍ମୟମାତତାନ,
କ୍ଷଣେ କ୍ଷଣେ ଯନ୍ନବତାମୁପୈତି ତଦେବ
ରୂପଂ ରମଣୀୟତାୟାଃ"

Digitized by srujanika@gmail.com

(୪)

"ହସିଖେଳ ଯେତୁ ଗମନ୍ତି ସମସ୍ତ
ଜୀବନ ମଣନ୍ତି ମହୋତ୍ସବମସ୍ତ,
ଦୁଃଖ ଭାଗ୍ୟ ମୋର ଭିନ୍ନତ ପାତ୍ରେ,
ମୋ ଜୀବନ ଗଢ଼ା ଅନ୍ୟ ଉପାଦାନେ"

ଏହା ମହାକବି Shelly ଙ୍କର :—

"Smiling they live and call life pleasure,
To me that cup has been dealt in
another measure"

(Stanzas written in dejection, near Naples)
ଛନ୍ଦର ପରିଲକ୍ଷିତ ।

ଏହିପରି ପୁଙ୍ଖାନୁପୁଙ୍ଖ ଆଲୋଚନା କଲେ ଚିଲିକା ଉର୍ଦ୍ଧରେ ସ୍ୱଦେଶ ଓ ବିଦେଶର ଏକାଧିକ ଭାବବାଦୀଙ୍କର ଅନ୍ତସ୍ୱାର ଗୁପ୍ତସଞ୍ଚରଣ ଲକ୍ଷ୍ୟ କରି ସେଦୌର୍ଣ୍ଣ ଅସଚାପ୍ତି ମୋହିତ ଓ ଚାକ୍ଷିକ୍ତ ରହିତ ହୋଇଥାଏ । ଅତି ବାଲ୍ୟ ବୟସରେ ଅଚଢ଼ା ଡହିଁରୁ ବରତ ହେବାକୁ ପଡ଼ିଛି । ଯାହାହେଉ, ଏତିକି କହିଲେ ଯଥେଷ୍ଟ ହେବ ଯେ କବିଙ୍କ ସୁଠାମ ପ୍ରକୃତ ଛବ ଓ ନିଖୁଣ ବର୍ଣ୍ଣନା ଶୈଳୀ ତାଙ୍କର ସୂକ୍ଷ୍ମ ପର୍ଯ୍ୟବେକ୍ଷଣର ଏକ ଅଭ୍ରାନ୍ତ ମାନଦଣ୍ଡ । ପୂର୍ବାଗ୍ରଜମାନଙ୍କର ଭାବଧାରା ଗ୍ରହଣ କରିବାକୁ ଇଚ୍ଛୁକ ହୋଇ ନଥିଲେ ମଧ୍ୟ ଅଂଧାନୁକରଣର ସେ ଜୀବନ୍ତ ବିରୋଧୀ ଥିଲେ । ସାହିତ୍ୟ ସେବାର ଅନୁପ୍ରେରଣରେ ସେ ପ୍ରକୃତି

Digitized by srujanika@gmail.com

କୃତିମ ସାଜସଜ୍ଜାରେ ମଣ୍ଡିତା ହେବାକୁ ଅଭ୍ୟସ୍ତ ନଥିଲେ । ପ୍ରକୃତି ପୂଜକ Words Worth ଙ୍କ ପରି ସେ ପ୍ରକୃତି କୋଳରେ ଅନନ୍ତ, ଉପଭୋଗ ଓ ସତ୍ୟଶାନ୍ତିର ବାଣୀ ଶୁଣିଥିଲେ । ତେଣୁ ତାଙ୍କର ସ୍ୱତଃ ସ୍ଫୂର୍ତ୍ତି ହୃଦୟରେ ମହାକବି Byron ଙ୍କର :

"There is a pleasure in the pathless woods
There is a rapture on the lonely shore,
There is a society, where none intrudes.
By the deep sea, and music in its roar,

ଘାବସ୍ତକ ତରଙ୍ଗିତ ରୋଳ ଚିଲିକାକୁ ଜଣେ ଦେଇଥିବା ସ୍ୱୀକୃତି ।

—o—

ନୈରାଶ୍ୟବାଦ ଓ ଦେଶାତ୍ମବୋଧ—

ଭକ୍ତ ଓ ଦାର୍ଶନିକଗଣ ଭାଳ ଭାଳ ଧର ଜୀବନ ଓ ଜଗତକୁ ଦୁଇଟି ବିଶିଷ୍ଟ ଭଂଗୀରେ ଦେଖି ଆସିଅଛନ୍ତି । ଗୋଟିଏ ଦୃଷ୍ଟିଭଙ୍ଗୀରେ ଜଗତର ସୌନ୍ଦର୍ଯ୍ୟ ପ୍ରବାହ ଚିରନ୍ତନ-ଗୀତ ଗାଇ ସ୍ୱରୂପ ପ୍ରାଣୀକୁ ମୁଗ୍ଧ କରୁଛନ୍ତି, ଅନ୍ୟଟିରେ ବସ୍ତୁସୌନ୍ଦର୍ଯ୍ୟ ଅନ୍ତରାଳରେ ଲୁଚି ରହିଥିବା

Digitized by srujanika@gmail.com

ଇଂଗ୍ରେଜୀ ପ୍ରତକ୍ଷଣ ଭୂପତିପାସୁର ମନୋରାଜ୍ୟରେ ନୈସ୍ପୃହତାର ହା’ ହା’ ଭାବ ଫୁଟାଇ ଦେଉଛନ୍ତି । ରାଧାନାଥ ସେଟେତାଙ୍କ ଶ୍ରେଣୀର ଅନ୍ତର୍ଗତ । ସେ ଦୁଃଖବାଦୀ, ନୈରାଶ୍ୟର ପୂଜା ବେଦୀରେ ପ୍ରାଣର ଆନନ୍ଦ ଓ ଆବେଗକୁ ଆହୁତ ଦେଇ ଜଗତର ବାସ୍ତବରୂପ ପ୍ରତ୍ୟକ୍ଷ କରିଅଛନ୍ତି । ଅଳ୍ପ ବୟସରେ ମାତୃବିୟୋଗ, ପରିବାରର ଯାବତୀୟ ଜଞ୍ଜାଳ ଓ ଚିର ଦୁର୍‌ଣିତାର ଅଭିଶାପ ଧରି କବି ବାଲ୍ୟକାଳରୁ ସଂସାର ପ୍ରତି ନିଃସ୍ପୃହ ହୋଇ ପଡ଼ିଥିଲେ । ତେଣୁ ଇଂରେଜ କବି Shelly ଙ୍କର “Smiling……… measure” (ପୂର୍ବେ ପ୍ରଦର୍ଶିତ)ର ଅନୁରୂପ କବିଶୋକ୍ତିକର ସେ ତାଙ୍କ ଜୀବନର ବାସ୍ତବରୂପ ଦେଖାଇ ଯାଇଛନ୍ତି—“ହସ ଖେଳ………ଉପାଦାନେ” ।

ଦୁଃଖ କଷ୍ଟର ଅଗ୍ନିଦାହ ମଧ୍ୟରେ ମୂହ୍ୟମାନ ହୋଇ ସର୍ବଙ୍କଶ ନିୟତିର ପଦତଳେ ଆତ୍ମ ସମର୍ପଣ କରିବାରେ ସେ ଜଗତର ଶାଶ୍ୱତ ସତ୍ୟଲାଭ କରିଥିଲେ । ଫଳତଃ ସେ ଥିଲେ ଭାଗ୍ୟବାଦୀ । କାଳଚକ୍ରର ଅଦ୍ଭୁତ କରଣିରେ ତାଙ୍କର ବିଶ୍ୱାସ ଥିଲା ଅଟଳ । ତାଙ୍କର ଅନ୍ତସ୍ତ୍ର ପ୍ରାଣରେ ପ୍ରକୃତ ହିଁ ବାସ୍ତବ ଆନନ୍ଦ ପରିବେଷଣ କରୁଥିଲା । ସୁଷମାର ଅନନ୍ତ ପ୍ରବାହରେ ଭାସି ଭାସି ଯେଉଁ ଅଗାଧ ସୁଖ ରାଜ୍ୟକୁ ଗୃଳିପିବା ସମୟରେ ବିସ୍ତୃତ ଜଗତର ଶୈଳ ସଙ୍କଟ ଯେଉଁଠି ତାଙ୍କ ଯାତ୍ରାପଥରେ ଅନ୍ତରାୟ ହୋଇଛି, ସେଇଠି ସେ ପ୍ରାଣଭରି

Digitized by srujanika@gmail.com

ଅଗ୍ରେ ନିଜକୁ ମହାନ ଦେଖୁଛନ୍ତି । ପ୍ରିୟତମ ଶଶିଭୂଷଣଙ୍କର ଅସୁସ୍ଥତାର ସମ୍ବାଦ ପାଇ କବି ଯେତେବେଳେ ଅନିଚ୍ଛାପୂର୍ବକ ଚିଲିକାର ଛବିଳ ତଟଭୂମି ପରିତ୍ୟାଗ କରୁଛନ୍ତି, ସେତେବେଳେ ତାଙ୍କର ବୁକ୍‌ଫଟା ବିଳାପରେ କାହାର ହୃଦୟ କାନ୍ଦି ନ ଉଠେ ?

"ମାଗୁଣି ଚିଲିକା, ମେଲଣି ତୋ ଠାରେ,
ମୋହୁଡ଼ିବ ଏବେ ଦାରୁଣ ସଂସାରେ,
ଭରିଥିଲି ଆଶା କରିବ ଯାପନ,
ତୋ ପଶ୍ଚିମ ତୀରେ ପଶ୍ଚିମ ଜୀବନ,
\+ \+ \+ \+
ମାନ ପରେଶୋମେ ଗ୍ଲପ୍ତା ଗାଈବତ
ଆଶାରେ ମୋ ଆଶା ହେଲା ପରିଣତ,"

ଏହି ସ୍ଥଳରେ କବିଙ୍କର ଦୁଃଖ ଅପରିସୀମ । ଶାଶ୍ୱତ ଓ ନଶ୍ୱରର ସଂଘର୍ଷ ମଧ୍ୟରେ ନଶ୍ୱରତା ଯେଉଁଠି ଶାଶ୍ୱତ-ରାଜ୍ୟରୁ ଅସହାୟ ମାନବ ଜୀବନକୁ ନିଜର କବଳକୁ ଟାଣିନିଏ, ସେଇଠି ଜୀବ ପାଖେ ଅସ୍ତିତ୍ୱର କରୁଣ ନିଶ୍ୱାସ ତୋଳି ଅସ୍ଥିର ହୋଇପଡ଼ିଥାଏ । ରାଧାନାଥଙ୍କ ପକ୍ଷରେ ତାହାହିଁ ଘଟିଛି । ସୁତରାଂ ଚିଲିକାର ମୂର୍ତ୍ତିମନ୍ତ ସୌନ୍ଦର୍ଯ୍ୟ, ସକାଳ ଆଟୋପ, ସ୍ୱଚ୍ଛ କଳ୍ପିତ ଖେଳିଯାବା ଓ ବୀରର ଗୌରବ ସବୁଥିରେ ଭାଗ୍ୟଦେବତାର କ୍ରୂରସଂକେତ ଲକ୍ଷ୍ୟ କରି ସେ ବିଳପି ଉଠିଛନ୍ତି ।

Digitized by srujanika@gmail.com

ଉପରନ୍ତୁ, କବିଙ୍କର ଶୁଦ୍ଧ ଦେଶାତ୍ମବୋଧ ଅନେକାଂଶରେ ତାଙ୍କର ଅନ୍ତର୍ବିଳାପ ପାଇଁ ଦାୟୀ । କବି ପ୍ରାଣେ ପ୍ରାଣେ ଅନୁଭବ କରିଥିଲେ ଯେ ଜନନୀ ଓ ଜନ୍ମଭୂମି ସ୍ୱର୍ଗଠାରୁ ଗୁରୁତର । ବାଲ୍ୟକାଳରୁ ମାତୃସ୍ନେହ ବଂଚିତ ହୋଇ କବି ଜନ୍ମଭୂମି ଉପରେ ତାଙ୍କର ସମସ୍ତ ସ୍ନେହ ଓଜାଡ଼ିଦେବା ଅସ୍ୱାଭାବିକ ନୁହେଁ । ତେଣୁ ସ୍ନେହମୟୀ ଜନ୍ମଭୂମିର ଦୁର୍ଗତି ଓ ଦୁର୍ଦ୍ଦଶା ଦେଖି ତାଙ୍କର ଅଶ୍ରୁଳ ଛଳ ପ୍ରାଣବେଦନରୁ ବିଷାଦର ରାଗିଣୀ ଝରିଆସିବା ଅତ୍ୟନ୍ତ ସମୀଚୀନ ।

ଦେବି ବୀଣାପାଣି ! କେଉଁ ପାପଫଳେ
କରୁଣା ତୋହର ଊଣା ଏ ଉତ୍କଳେ ?
ସ୍ୱଭାବେ ଉତ୍କଳ ଶୋଭାର-ନିଧାନ,
ମାତ୍ର ଏ ଶୋଭାରେ ତୋହର ଅଧିଷ୍ଠାନ-
ବିନୁ ସିନା ମାତା ହୋଇଛନ୍ତି ହତଶା,
ଭଜନ୍ତି ଅରଣ୍ୟ-ପ୍ରସୂନର ଦଶା,
କ୍ଷୁଦ୍ର ଶିପ୍ରା ସ୍ରୋତ ବହନ୍ତି ଜଗତେ
ମହାନଦୀ ନାମ ରହୁଛି ଗୁପତେ !"

ଏହି ପଂକ୍ତିମାନ ମାତୃଭକ୍ତ ସନ୍ତାନର ବ୍ୟଥିତ ଅଶ୍ରୁ ବ୍ୟତୀତ ଅନ୍ୟ କଣ ହୋଇପାରେ ?

ରାଧାନାଥଙ୍କର କବିତ୍ୱ ପ୍ରସଙ୍ଗରେ ତାଙ୍କର ଦୁଃଖବାଦର ସମର୍ଥକ ପରିଚୟ ପ୍ରଦତ୍ତ ହୋଇଅଛି । ସୁତରାଂ ଏହା କହିଲେ ଯଥେଷ୍ଟ ହେବ ଯେ ରାଧାନାଥଙ୍କ କଣ୍ଠରେ ଅନ୍ୟେ

Digitized by srujanika@gmail.com

ଯେଉଁ ଉତ୍ପାଦର ସଂଗୀତ ଶୁଣୁଁ, ତାହା ଶାଶ୍ୱତ, ସନାତନ ଓ ସୃଷ୍ଟିବକ୍ଷର ଚିରନ୍ତନ ଗୀତ । ଏଥିରେ ସଂସାରରୁ ପଳାୟନ କରି କଳ୍ପଲୋକରେ ସ୍ୱପ୍ନରାଜ୍ୟ ଗଢ଼ିବାର ବାସନା ନାହିଁ ବା ପଳାୟନ ପନ୍ଥୀର ନୀରବ ଚିତ୍କ୍ଷା ନାହିଁ । ଦୁଃଖକଷ୍ଟର ବେଦନା ଉପରେ ଜୀବନର ସାର୍ଥକତା ନିର୍ଣ୍ଣୟ କରି "ପଛେଶିଷ୍ୟ ମୁହିଁ ଦୁଃଖ ଗୁରୁଙ୍କର" କହୁବାରେ କବି ଯେତିକି ସନ୍ତାପ ଅନୁଭବ କରନ୍ତି ତାହାଠାରୁ କୌଣସି ଗୁଣରେ କମ୍ ଗୌରବ ଅନୁଭବ କରନାହାନ୍ତି । ତାହା ହୋଇ ନଥିଲେ ତାଙ୍କର ବାଷ୍ପାଚ୍ଛନ୍ନ କଣ୍ଠରୁ—

"ଦୁଃଖଦତ୍ତ ଜ୍ଞାନ-ଚକ୍ଷୁରେ ଜଗତ
ଦେଖିବାରେ ମୁହିଁ ଅଭ୍ୟସ୍ତ ସତତ,
ସୁଖ ବୋଲି ଯାକୁ ବୋଲଇ ସଂସାର
କରୁଥାଇ ତାକୁ ଦୂରୁଁ ମୁଁ ଜୁହାର"

କଳି ଝଂକାର ସମ୍ଭବ ହୋଇ ନଥାନ୍ତା ।

—o—

ବଶଦାର୍ଥ

ତୃଷାତୁର ବେଗୀ……………ମୋର ।

ସୌନ୍ଦର୍ଯ୍ୟପିପାସୁ ରାଧାନାଥ ସୌଭାଗ୍ୟ ବଶତଃ ଭାରତର ଉତ୍ତରସୀମନ୍ତ ହିମାଳୟଠାରୁ ମହୋଦଧି ଚୁମ୍ବିତା କୁମାରିକା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନର ଭ୍ରମଣକାଳେ ନୈସର୍ଗିକ ଶୋଭା ସନ୍ଦର୍ଶନ

Digitized by srujanika@gmail.com

ଅବତାର ସୁଯୋଗ ଲାଭ କରିଥିଲେ । ତୁଷାର ମୁକୁଟ ହିମାଦ୍ରିର ଅଭ୍ରଭାସ୍ପୃହା ଓ ନୀର ଲରୁଦ୍ଧୀନ ରାଜସ୍ଥାନର କର୍କଶତା, ତାଙ୍କର ଚିତ୍ତବୃତ୍ତିକୁ ଯଥାକ୍ରମେ ବିସ୍ମୟ-ବିମୋହିତ ଓ କ୍ଳାନ୍ତ ଶ୍ରାନ୍ତ କରିଦେଇଥିଲା । ସେ ଅନ୍ଧିତା ବିସ୍ମୟରେ ନିମଗ୍ନ ହୋଇ ସେହି ଶାଶ୍ୱତ ଓ ଭୂମାର ଚରଣ ତଳେ ନିଜର ପ୍ରଣତି ବାଢ଼ି ଦେଇଥିଲେ । ହିମାଳୟର ଦୃଶ୍ୟାବଲୋକନ କରି ତାଙ୍କର ମନୋରାଜ୍ୟରେ ମହାଭାବର ସତ୍ତା ସୃଷ୍ଟି ହୋଇଥିବା ବେଳେ ରାଜସ୍ଥାନର ରୁକ୍ଷ କର୍କଶ ଦୃଶ୍ୟରେ ତାଙ୍କର ରୂପପିପାସୁ ଆତ୍ମା ତୃଷାର୍ତ୍ତ ହୋଇ ଉଠିଥିଲା । ତୃଷାରେ ଅଧୀର ହୋଇଥିବା କୌଣସି ରୋଗୀ କଳ୍ପନା ଚକ୍ଷୁରେ ପଦ୍ମଶୋଭିତ ସ୍ୱଚ୍ଛଜଳପୂର୍ଣ୍ଣ ସରୋବରର ଚିତ୍ର ଦର୍ଶନ କରି ତାହା ଲାଭ କରିବା ପାଇଁ ବିଶେଷ ବ୍ୟଗ୍ର ହୋଇ ଉଠିଥିବା ପରି, କବି ରାଜସ୍ଥାନର ଅନୁର୍ବର ବଂଧୁର ପ୍ରଦେଶରେ ତାଙ୍କର ରୂପତୃଷା ନିବାରଣ କରିବା ପାଇଁ ମାନସନେତ୍ରରେ ପ୍ରିୟ ସଖୀ ଚିଲିକାର ସ୍ନିଗ୍ଧ କାନ୍ତ ଶୋଭାରାଶି ସ୍ମରଣ କରିଥିଲେ । ମୂଳତଃ ପ୍ରଦତ୍ତ ଉଦ୍ଧୃତାଂଶଟିରୁ ଭାରତର ଭୀମକାନ୍ତ ପ୍ରକୃତି ଅପେକ୍ଷା ଚିଲିକାର ସ୍ନିଗ୍ଧଶାନ୍ତ ପ୍ରକୃତି କବି ନିକଟରେ କେତେଦୂର ପ୍ରିୟ ଓ ଉପଭୋଗ୍ୟ, ତାହା ସହଜରେ ଅନୁମେୟ ॥

ଚିତ୍ତବୃତ୍ତି…………………ନିମଗ୍ନ ।

ଭାରତୀୟ ପ୍ରକୃତିର ଭୀଷଣ-ବିରାଟ ଓ ବିକଟ ଉଦାର ଦୃଶ୍ୟାବଳୀ ଅବଲୋକନ କରି ସୁଧାନାଥ ଅନେକତ୍ର ଆନନ୍ଦ

Digitized by srujanika@gmail.com

ବା ଶାନ୍ତି ପରିବର୍ତ୍ତେ ବିସ୍ମୟ ଓ ଭୟରେ ଅନୁସ୍ମୃତା ହୋଇ ଦେଖିଥିଲେ । ହିମଗିରିର ଶାଶ୍ୱତ ତୁଷାରସନରେ କବିକଳ୍ପନାର ବ୍ୟୋମକେଶ ମୂର୍ତ୍ତି ଓ ଦୁରନ୍ତ ମହାସାଗରରେ ବାତ୍ୟାନ୍ଦୋଳିତ ବରୁଣପୁରୀର ଜଳଲକ୍ଷ୍ମୀ ଦର୍ଶନ କରି ତାଙ୍କର ଉପଲବ୍ଧି ଅନ୍ତରର ନିସର୍ଗରାଜ୍ୟର ମହିମା ଓ ରୁଦ୍ରତାର ପ୍ରତିମୂର୍ତ୍ତି ଅଙ୍କିତ ହୋଇଥିଲା । ଫଳତଃ ଅନନ୍ତ ସୃଷ୍ଟିର ମହାର୍ଣ୍ଣବ ମଧ୍ୟରେ ସେ ନିଜର ସ୍ୱତନ୍ତ୍ରସତ୍ତା ଅନ୍ୱେଷଣ କରିବାର ଅବକାଶ ପାଉନଥିଲେ । ପ୍ରଚଣ୍ଡସୂର୍ଯ୍ୟ କିରଣରେ ମ୍ଳାନ ତାରକାର ଶାନ୍ତଜ୍ୟୋତିଃ ବିଲୀନ ହୋଇଗଲା ପରି କବିଙ୍କର ନିଜତ୍ୱ ବା ସ୍ୱାତନ୍ତ୍ର୍ୟ ଚେତନା ବିରାଟ-ବିପୁଳ ପ୍ରକୃତି ଗର୍ଭରେ ନିଶ୍ଚିହ୍ନ ହୋଇଗଲା । ସାଧାରଣତଃ ପ୍ରକୃତିର ବିପୁଳ ପ୍ରକାଶରେ ବିସ୍ମୟାଭିଭୂତ ମାନବାତ୍ମା ଉଦାର ଗମ୍ଭୀର ନିସର୍ଗରାଜ୍ୟରେ ନିଜର କ୍ଷୁଦ୍ରତା ଓ ନଗଣ୍ୟତା ଉପଲବ୍ଧି କରୁ କରୁ ଅନେକ ସମୟରେ ମହାସତ୍ତାର ପ୍ରଚଣ୍ଡାଲୋକରେ ଆତ୍ମସଚେତନଶୀଳତା ହରାଇ ଦେବା ସ୍ୱାଭାବିକ ହୋଇପଡ଼େ । କବିଙ୍କ ପକ୍ଷରେ ତାହାହିଁ ସତ୍ୟହୋଇଛି । ତେଣୁ ଏପରି ଅବସ୍ଥାରେ ନିଜର ଅସ୍ତିତ୍ୱ ଓ ଅବସ୍ଥାନ ନେଇ ସନ୍ଦେହ ଉପୁଜିବା ବାସ୍ତବ ଓ ଅବସ୍ଥା ସୁଲଭ ।

ଅବସାଦେ............ଦେଖାତକ

ଚିଲିକା କ୍ଷୁଦ୍ର ହୋଇ ମଧ୍ୟ ବୃହତ୍ ଓ ବିରାଟ ନହୋଇ ମଧ୍ୟ ସ୍ୱପ୍ନିଳ-କବିଙ୍କର ଏହି ମର୍ମବାଣୀର ଯାଥାର୍ଥ୍ୟ ପ୍ରଦତ୍ତ ସଂକ୍ରା-

Digitized by srujanika@gmail.com

ମାନଙ୍କରେ ସୁସ୍ପଷ୍ଟ । ଦ୍ରୁମଶ୍ରେଣୀ, ବନ୍ଧ୍ୟାଦ୍ରି, ଶଳସ୍ଥାନ ବା ଧୂଅଁ-
ଧାରର ଦୃଶ୍ୟ ସୁନ୍ଦର ଓ ଉପଭୋଗ୍ୟ ହୋଇଥିଲେ ମଧ୍ୟ ସେଥି
ମଧ୍ୟରେ ଉଦ୍ଭଟ ଋଣାଳତା ଓ ବିକଟତା ଦର୍ଶକର ଅପ-
ଚେତନା ପ୍ରବୃତ୍ତିର ଅନ୍ତରସ୍ଥ ରୂପେ ଦଣ୍ଡାୟମାନ ହୁଏ । ଉପ-
ଭୋକ୍ତା ସେହି ମହାଦୃଶ୍ୟର ମହିମା ମଧ୍ୟରେ ଲୁପ୍ତ-ସର୍ବସ୍ୱ
ହୋଇପଡ଼େ । କିନ୍ତୁ ଚିଲିକାର ନୈସର୍ଗ ମାଧୁର୍ଯ୍ୟ ଦର୍ଶକର
ଚେତନାରାଜ୍ୟରେ ଅବସାଦ, ଅନ୍ତର୍ଦ୍ୱନ୍ଦ୍ୱ ବା ସ୍ତବ୍ଧତା ସୃଷ୍ଟି
ନକରି ସୃଷ୍ଟିର ଶାନ୍ତିର ପ୍ରଲେପ ବୋଲି ଦେଇଥାଏ । ତେଣୁ
ସୌନ୍ଦର୍ଯ୍ୟ ପିପାସୁ ଉଲ୍ଲସିତ ଚିତ୍ତରେ ରୂପ-ସୁଧା ପାନ କରିବା
ସମୟରେ ମଧ୍ୟ ତାହାର ସ୍ୱତନ୍ତ୍ର ଅସ୍ତିତ୍ୱ ନେଇ ସନ୍ଦେହାନ
ହୁଏ ନାହିଁ । ସୁତରାଂ ଚିଲିକା ସନ୍ନିକଟରେ ସବୁଶ୍ରେଣୀର
ଦର୍ଶକ ହୃଦୟରେ ଦ୍ୱୈତଭାବର ମାଧୁର୍ଯ୍ୟ ସୃଷ୍ଟି କରିଥାଏ ।
ଦର୍ଶକ ଓ ଦୃଶ୍ୟ ବା ଭୋଗ୍ୟବସ୍ତୁ ଓ ଭୋକ୍ତା ମଧ୍ୟରେ
ପାର୍ଥକ୍ୟ ନିରୂପଣର କୌଣସି ପ୍ରଚେଷ୍ଟା ଚିଲିକା
ପାଖରେ ସମ୍ଭବ ହୁଏନା । କିନ୍ତୁ ପୂର୍ବୋକ୍ତ ଭାରତୀୟ
ଦୃଶ୍ୟଗୁଡ଼ିକରେ ଦର୍ଶକ ଅଦ୍ୱୈତବାଦୀ ପରି ଦୃଶ୍ୟ ଓ ଦ୍ରଷ୍ଟା
ମଧ୍ୟରେ ପାର୍ଥକ୍ୟ ନିର୍ଣ୍ଣୟ କରିନପାରି ଅସ୍ମିତା-ଅବସ୍ଥାରେ
ନିମଗ୍ନ ହୁଏ । ଚିଲିକାର ଉକ୍ତ ବୈଶିଷ୍ଟ୍ୟ ତାର ମହତ୍ତ୍ୱ ଓ
ବୈଭବର ହେତୁ ।

ଦୃଷ୍ଟି ପୂର୍ବ······································ଦିଶୁଥାଇ ।

ଜନ ଚିଲିକାର ଅବଲମ୍ବୀୟ ସୁଷମା ବାରମ୍ବାର ଉପଭୋଗ
କରିଥିଲେ ମଧ୍ୟ, ସୌନ୍ଦର୍ଯ୍ୟ ଦେବତା ନୂପର ଭାଙ୍ଗି

Digitized by srujanika@gmail.com

ମାଯ୍ୟାରେ ତାଙ୍କ୍ ଶରଧନ ବଶୀଭୂତ କରିବାକୁ ଚେଷ୍ଟାକରନ୍ତି । ତେଣୁ ପରିଣତ ବୟସରେ ଅପରିଣତଭାବ ଭ୍ରମେଇ ସେ ମୁଗ୍ଧଭାବରେ ସୌନ୍ଦର୍ଯ୍ୟ ସୁଧାପାନ କରୁଛନ୍ତି । ତଥାପି ପ୍ରାଣର ଆବେଗ ମେଣ୍ଟୁନାହିଁ, ହୃଦୟ ଲେଉଟୁଛି ଅପୂର୍ବପୂର୍ବର ସେହି ନିତ୍ୟନୂତନ ଲୀଳା, ଦେବବାଳାର ସେହି ମଧୁପଣାଳୟ । ତେଣୁ ସୁଧାନାମ ପ୍ରାଚ୍ୟ ଓ ପାଶ୍ଚାତ୍ୟ କବି (ମାଘ ଓ କିଟ୍ସ)ଙ୍କର ରୂପାନ୍ୱେଷୀ ପ୍ରବୃତ୍ତିର ସ୍ୱୀକାର କରି ବାସ୍ତବ ସୌନ୍ଦର୍ଯ୍ୟର ଏକ ସୁନ୍ଦର ବ୍ୟାଖ୍ୟା ପ୍ରଦତ୍ତ ଭଙ୍ଗିରେ ପ୍ରଦାନ କରିଅଛନ୍ତି । ଉଭୟଙ୍କ ଭାଷାରେ ସୌନ୍ଦର୍ଯ୍ୟ ଅସୀମ ଓ ଅନନ୍ତ । ଏହାର ବିଲୟ ବା ସମାପ୍ତି ନାହିଁ । ଉଦ୍ଭିନ୍ନ ଯୌବନା ପ୍ରକୃତି ନିତ୍ୟ ନବ ନବ ଭାବଧର ରସିକପ୍ରାଣରେ ଅସୀମ ପ୍ରୀତିପ୍ରଦାନ କରାଇ ଦେଉଥାଏ । ସୁତରାଂ ଶୁଦ୍ଧ ସୌନ୍ଦର୍ଯ୍ୟରେ ତୃପ୍ତିର ଅବସାଦ ଆଶା କରିବା ସଙ୍କୀର୍ଣ୍ଣମନାର ଭ୍ରାନ୍ତି ବ୍ୟତୀତ ଅନ୍ୟ କଣ ହୋଇପାରେ ? ସୌନ୍ଦର୍ଯ୍ୟର ସୀମା ଶବ୍ଦ ରହସ୍ୟମୟ ଓ ଅନାବିଷ୍କୃତ । ଶତ ଶତ କବି ପଣ୍ଡିତ ଓ ଶାସ୍ତ୍ରକାର ଯୁଗ ଯୁଗ ଧରି ସୂକ୍ଷ୍ମମାନ ସମ୍ବନ୍ଧରେ ବିଚରଣ କରି ମଧ୍ୟ ସୌନ୍ଦର୍ଯ୍ୟର ଶେଷସୀମା ନିର୍ଦ୍ଧାରଣ କରିପାରି ନାହାନ୍ତି ।

ଭ୍ରୂଭଙ୍ଗରେ.............ତଳ୍ପ

ସର୍ବଶ୍ରେଷ୍ଠ କାଳେତ୍ପ୍ରାନ୍ତରେ ମଦମତ୍ତ ମାନବର ଶୌର୍ଯ୍ୟ ବୀର୍ଯ୍ୟ ଓ ଅହଙ୍କାର ଉତ୍ତେଜନା କେତେଦୂର ଅସାର, ତାହା ଧୃବଦତ୍ତ ପଂକ୍ତିମାନଙ୍କରୁ ସୁସ୍ପଷ୍ଟ । ସେଦିନ ଯବନ ରକ୍ତବୀଜ

Digitized by srujanika@gmail.com

ଉତ୍କଳର ସର୍ବସ୍ୱ ଲୁଣ୍ଠନ କରି ବିଜୟୋଲ୍ଲାସରେ ସ୍ୱଦେଶ ଅଭିମୁଖେ ଫେରିକରି ଚାଲିଲେ । ଗତଗୌରବ ଉତ୍କଳୀ ତାହାର ଧ୍ୱଂସଲୀଳାର ପ୍ରତିବାଦ କରିପାରିଲେ ନାହିଁ । ହେଲେହେଁ ଉତ୍କଳଧାତ୍ରୀ ଚିଲିକା ପ୍ରଦେଶର ଏ ଦୁର୍ଦ୍ଦିନରେ ସ୍ତବ୍ଧ ନ ହୋଇ ରୁଦ୍ରମୂର୍ତ୍ତିରେ ଦୈତ୍ୟର ପ୍ରାଣନାଶ କଲା । ଫଳତଃ ଉତ୍କଳବିଦ୍ୱେଷୀ ରକ୍ତବାହୁ, ସୈନ୍ୟ ସାମନ୍ତ ସହିତ ଚିଲିକା ଗର୍ଭରେ ସଲିଳ ସମାଧି ଲାଭକଲା । ଦସ୍ୟୁରାଜ ଜୀବନର ଶୋଚନୀୟ ପରିଣତି ଲକ୍ଷ୍ୟ କରି କେତେ ବ୍ୟଥିତ ହୃଦୟରେ ଚନ୍ଦ୍ରଅସ୍ତ—ମୁହୂର୍ତ୍ତକ ପୂର୍ବରୁ ଯେଉଁ ଶତ୍ରୁଙ୍କ ବୀରଗଣ ଭୟାଳ ଭ୍ରୂକୁଞ୍ଚନରେ ଜଗତକୁ କମ୍ପିତ ଓ ଶଙ୍କିତ କରିଗଲେ, ବର୍ତ୍ତମାନ ସେମାନଙ୍କର ସତ୍ତା କାଳଗର୍ଭରେ ସମ୍ପୂର୍ଣ୍ଣ ବିଲୀନ ହୋଇଯାଇଛନ୍ତି । ଚିଲିକାର ନୀରନ୍ଧ୍ର ଜଳପୁଞ୍ଜରେ ମହାକାଳର ଉଗ୍ର ତାଣ୍ଡବ ସେମାନଙ୍କୁ ଜଡ଼, ନିସ୍ପନ୍ଦ ଓ ବାକ୍‌ଶକ୍ତି ରହିତ ସ୍ଥାଣୁରେ ପରିଣତ କରିଛି । ଜୀବନର ଉଷ୍ଣତା ଓ ଜୈତ୍ରଯାତ୍ରାର ଉନ୍ମାଦନା ଭୁଲି ଶତ ଶତ ମହାବଳଶାଳୀ ସପ୍ତହସ୍ତ ପରିମିତ କର୍ଦ୍ଦମ ଶଯ୍ୟାରେ ଚିରକାଳ ପାଇଁ ନିଦ୍ରାମଗ୍ନ । ମକ୍ଷିକା ପରି କ୍ଷୁଦ୍ର ଜୀବନଟିକୁ ଅପସାରିତ କରିବାର ସ୍ୱଳ୍ପଶକ୍ତି ଓ ସେମାନଙ୍କଠାରେ ପରିଲକ୍ଷିତ ହେଉନାହିଁ । କିନ୍ତୁ ଦିନେ ଏହି ସମସ୍ତ ଭାଙ୍ଗାଳ ଦାମ୍ଭିକଗଣ ବାହୁବଳରେ ଧରାକୁ ସରା ପରି ଜ୍ଞାନ କରୁଥିଲେ ଓ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଆଦି ଚତୁର୍ଦ୍ଦଶ ଭୁବନକୁ 'କରାମଳକ' ବତ୍ ହେୟ ଓ ନଗଣ୍ୟ ମନେ

Digitized by srujanika@gmail.com

କରୁଥିଲେ । ଧିକ୍ ଦାମ୍ଭିକ, ତୋର ଗର୍ବ ଓ ଦମ୍ଭର ପରିଣତି କି ଶୋଚନୀୟ ! ଯୁଗଯୁଗ ଧରି ତୋର ଆତ୍ମସ୍ପର୍ଦ୍ଧାଜନିତ କର୍ମର ବିଷମୟ ପରିଣତି ଲକ୍ଷ୍ୟ କରି ମଧ୍ୟ ତୋର ଚେତନା ଆସୁନାହିଁ । ଅନନ୍ତ ଗର୍ଭରେ ତୋର ଅପଘାତୀ କର୍ମର ପ୍ରାବୃତ୍ତି ହେବାଯାଏ ତୁ ବିପଥଗାମୀ ହେଉଛୁ, ଏହାହିଁ କବିଙ୍କର ଅନ୍ତର୍ନିହିତ ଉପଦେଶ ।

ଶ୍ରୀ ବ୍ରଜସୁନ୍ଦର ନାୟକଙ୍କ ଦ୍ୱାରା ଜୟଶ୍ରୀ ପ୍ରେସ, ବଲେଇଗଳି
କଟକ-୩ରେ ମୁଦ୍ରିତ—୧୯୭୦

Digitized by srujanika@gmail.com